ସାପ୍ତାହିକ
Postal Regd. No.: SBP/14/2019-2021
ସ୍ୱୀକାର
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94

Vol.25 | Issue - 42 | 21 - 27 November 2021 | Sambalpur | Page-12 | Invitation Price Rs.10

# 'ହନୁମଦ୍ଦ୍ୱାତ୍ରିଂଶିକା' ହନୁମାନ ଚାଳିଶାର ଅଦ୍ୱିତୀୟ ଭାଷ୍ୟ: ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ






## ଡାକ୍ତର କୃଷ୍ଣକେଶବ ଷଡଙ୍ଗୀଙ୍କ ପୁସ୍ତକ ଉନ୍ମୋଚିତ

ସମ୍ବଲପୁର : ଚାରି ଯୁଗରେ ହନୁମାନଙ୍କ ମହିମା ବିଦ୍ୟମାନ । ସେ ଏକାଧାରରେ ରାମଙ୍କ ପ୍ରିୟ ଭକ୍ତ, ସନ୍ଥମାନଙ୍କ ରକ୍ଷାକାରୀ ଓ ମଙ୍ଗଳର ମୂର୍ତ୍ତିମାନ ବିଗ୍ରହ । ହନୁମାନଙ୍କ ଉପାସନା ଦ୍ୱାରା କ୍ଳେଶ ଓ ବିକାର ଦୂରୀଭୂତ ହେବା ସହିତ ଜ୍ଞାନ, ବୁଦ୍ଧି, ବିବେକର ଉତ୍ତରଣ ଘଟେ ବୋଲି ହନୁମାନ ଚାଳିଶାରେ ଗୋସ୍ୱାମୀ ତୁଳସୀ ଉଲ୍ଲେଖି କରିଛନ୍ତି ଏବଂ ଏହି ଲୋକପ୍ରିୟ ସ୍ତୋତ୍ରର ଶାସ୍ତ୍ରୀୟ ଟୀକା ପ୍ରସ୍ତୁତିରେ ଡାକ୍ତର କୃଷ୍ଣକେଶବ ଷଡଙ୍ଗୀଙ୍କ ପୁସ୍ତକ 'ହନୁମଦ୍ଦ୍ୱାତ୍ରିଂଶିକା' ଏକ ମାଇଲଖୁଣ୍ଟ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି । ସ୍ଥାନୀୟ ଶିଳା ଟାୱାରର ସଭାକକ୍ଷରେ ସାପ୍ତାହିକ 'ସ୍ୱୀକାର' ପକ୍ଷରୁ ଆୟୋଜିତ ଡାକ୍ତର କୃଷ୍ଣକେଶବ ଷଡଙ୍ଗୀଙ୍କ ରଚିତ 'ହନୁମଦ୍ଦ୍ୱାତ୍ରିଂଶିକା' ପୁସ୍ତକର ଉନ୍ମୋଚନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଶ୍ୱାତ୍ମ ଚେତନା ପରିଷଦର ଅଧକ୍ଷ ପରମହଂସ ସ୍ୱାମୀ ଶ୍ରୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ କହିଲେ ଯେ, ଡାକ୍ତର ଷଡଙ୍ଗୀଙ୍କ ରଚିତ ହନୁମାନ ଚାଳିଶାର ଏହି ଭାଷ୍ୟ ସମଗ୍ର ଭାରତବର୍ଷରେ ଅଦ୍ୱିତୀୟ ।

(ଅବଶିଷ୍ଟାଂଶ ୧୧ ପୃଷ୍ଠାରେ)




## କବି ରାଜେନ୍ଦ୍ର କିଶୋର ପଣ୍ଡା ପାଇଲେ 'ରାଷ୍ଟ୍ରୀୟ କୁଭେମ୍ପୁ ପୁରସ୍କାର'



ଭୁବନେଶ୍ୱର : ଭାରତୀୟ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କବି ଡକ୍ଟର ରାଜେନ୍ଦ୍ର କିଶୋର ପଣ୍ଡାଙ୍କୁ 'ରାଷ୍ଟ୍ରୀୟ କୁଭେମ୍ପୁ ପୁରସ୍କାର' ପ୍ରଦାନ କରାଯାଇଛି । ୨୦୨୦ ମସିହା ପାଇଁ ବେଙ୍ଗାଲୁରୁ ସ୍ଥିତ ରାଷ୍ଟ୍ରକବି କୁଭେମ୍ପୁ ପ୍ରତିଷ୍ଠାନମ୍ ପକ୍ଷରୁ ଡକ୍ଟର ପଣ୍ଡାଙ୍କ ଭୁବନେଶ୍ୱର ସ୍ଥିତ ବାସଭବନରେ ଏହି ପୁରସ୍କାର ଦିଆଯାଇଛି । ପୁରସ୍କାର ବାବଦରେ ଡକ୍ଟର ପଣ୍ଡା ୫ ଲକ୍ଷ ଟଙ୍କାର ଚେକ୍ ସମେତ ଅଙ୍ଗବସ୍ତ୍ର ଓ ଉପଢ଼ୌକନ ଗ୍ରହଣ କରିଛନ୍ତି । କୋଭିଡ୍ କାରଣରୁ ପୁରସ୍କାର ପ୍ରଦାନ ଉତ୍ସବ ବେଙ୍ଗାଲୁରୁରେ ଆୟୋଜିତ ହେବା ପରିବର୍ତ୍ତେ କବିଙ୍କୁ ତାଙ୍କ ବାସଭବନରେ ପ୍ରଦାନ କରାଯାଇଥିଲା ।















## ସମ୍ବଲପୁର ରେ ନୂତନ ରାଜସ୍ୱ ଡିଭିଜନ କମିଶନରଙ୍କ ଯୋଗଦାନ



ସମ୍ବଲପୁର : ଉତ୍ତରାଞ୍ଚଳ ନୂତନ ରାଜସ୍ୱ ଡିଭିଜନ କମିଶନର ଭାବେ ଡକ୍ଟର ସୁରେଶ ଚନ୍ଦ୍ର ଦଳେଇ ଯୋଗ ଦେଇଛନ୍ତି । ପୂର୍ବରୁ ସେ ସଂସ୍କୃତି ବିଭାଗର ସଚିବ ଭାବେ ଅବସ୍ଥାପିତ ଥିଲେ । ୨୦୦୫ ବ୍ୟାଚର ଭାରତୀୟ ପ୍ରଶାସନିକ ସେବାର ସେ ଅଧିକାରୀ ଅଟନ୍ତି । ପୂର୍ବତନ ଆର. ଡି. ସି ନିରଞ୍ଜନ ସାହୁଙ୍କ ବଦଳି ପରେ ଦୀର୍ଘ ୧୦ ମାସ ଏହି ପଦବୀ ଖାଲି ପଡିଥିବା ବେଳେ କେନ୍ଦ୍ରାଞ୍ଚଳ ରାଜସ୍ୱ ଡିଭିଜନ କମିଶନର ଏହାର ଅତିରିକ୍ତ ଦାୟିତ୍ୱ ତୁଲେଇ ଆସୁଥିଲେ । ଡକ୍ଟର ଦଳେଇ ହେଉଛନ୍ତି ଉତ୍ତରାଞ୍ଚଳ ଡିଭିଜନର ୬୯ ତମ ରାଜସ୍ୱ କମିଶନର ।

## ଏ ସଂଖ୍ୟାରେ..


ପାଇଲ୍ସ ଦୂର କରେ ଷ୍ଟବେରୀ


କଫି ପିଇଲେ ଦିର୍ଘାୟୁ ହେବେ


ଫାଇଦା ଦେବ ଟମାଟୋ


ଗୁଣକାରୀ କଖାରୁ ମଞ୍ଜି


ଗୋଲମରିଚର ଉପକାରିତା

# ଝାରସୁଗୁଡ଼ା ଜିଲ୍ଲାର ୨୫ଟି ମୋ ସ୍କୁଲ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ




ଝାରସୁଗୁଡ଼ା : ବେଲପାହାଡ଼ସ୍ଥିତ ଗିରଧର ଲାଲ ହାଇସ୍କୁଲ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଭର୍ଚୁଆଲ୍ ମାଧମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିଲ୍ଲାରେ ୨୫ଟି ରୂପାନ୍ତରିତ ସ୍କୁଲ ଉଦ୍‌ଘାଟନ କରିଛନ୍ତି । ଏ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି ସ୍କୁଲରେ ତିଆରି ହୁଏ ଜାତି ଓ ଦେଶର ଭବିଷ୍ୟତ । ସ୍କୁଲ ସମୟ ପିଲାଙ୍କ ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ତେଣୁ ଉନ୍ନତ, ଆଧୁନିକ ଓ ଗୁଣାତ୍ମକ ଶିକ୍ଷା ଦେବା ପାଇଁ ସ୍କୁଲ ରୂପାନ୍ତରଣ ପରିକଳ୍ପନା କରାଯାଇଛି ।



ରୂପାନ୍ତରିତ ସ୍କୁଲର ଅତ୍ୟାଧୁନିକ ଶିକ୍ଷା ପ୍ରଣାଳୀ ଛାତ୍ରଛାତ୍ରୀଙ୍କ ମଧରେ ପାଠ ପଢ଼ିବା ପାଇଁ ଅଧିକ ଆଗ୍ରହ ସୃଷ୍ଟି କରିବ ବୋଲି ଜିଲ୍ଲାପାଳ ସରୋଜ କୁମାର ସାମଲ କହିଥିଲେ । ସେହିପରି ବ୍ରଜରାଜନଗର ବିଧାୟକ କିଶୋର କୁମାର ମହାନ୍ତି ବିଦ୍ୟାଳୟ ରୂପାନ୍ତରୀକରଣ ଏକ ଯୁଗାନ୍ତକାରୀ ପଦକ୍ଷେପ । ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଯୋଗୁଁ ଆଜି ଓଡ଼ିଶା ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ନିଯୁକ୍ତି ଆଦି ଦିଗରେ ବିକାଶର ଶିଖରକୁ ପହଞ୍ଚି ପାରିଛି ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଜିଲ୍ଲା ପରିଷଦ ଅଧକ୍ଷ ଲକ୍ଷ୍ମୀ ନାରାୟଣ ପଟେଲ, ବ୍ରଜରାଜନଗର ଓପିଏମ ହାଇସ୍କୁଲ ଦଶମ ଶ୍ରେଣୀ ଛାତ୍ରୀ ଶାଳିନୀ ତ୍ରିପାଠୀ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ । ବେଲପାହାଡ଼ ଜିଏଲ୍ ହାଇସ୍କୁଲରେ ଜିଲ୍ଲା ପ୍ରକଳ୍ପ ଉନ୍ନୟନ ଅଧିକାରୀ ତପିରାମ ମାଝୀ, ଉପଜିଲ୍ଲାପାଳ ଶିବ ଟପ୍ପୋ, ଜିଲ୍ଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ, ବେଲପାହାଡ଼ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଲୋକନାଥ ତିୱାରୀ ପ୍ରମୁଖଙ୍କ ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ପୂର୍ବତନ ଛାତ୍ରଛାତ୍ରୀ ଓ ସ୍ଥାନୀୟ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ ।

# ଏଲ୍.ଆର୍.ଲ କଲେଜକୁ ସ୍ୱୟଂଶାସନ କ୍ଷମତା ମିଳିବ: କୁଳପତି



ସମ୍ବଲପୁର : ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧିନସ୍ଥ ଲଜପତ ରାୟ ଆଇନ ମହାବିଦ୍ୟାଳୟକୁ ଖୁବ୍ ଶୀଘ୍ର ସ୍ୱୟଂଶାସନ କ୍ଷମତା ପ୍ରଦାନ କରାଯିବ । ପରୀକ୍ଷା ପରିଚାଳନା, ଫଳ ପ୍ରକାଶନ ଆଦି ସମସ୍ତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପାଇଁ କଲେଜର ଏକ ପରିଚାଳନା କମିଟି ଗଠନ କରାଯିବ । ଏହା ସାଙ୍ଗକୁ ମହାବିଦ୍ୟାଳୟର ଭିତ୍ତିଭୂମି ବିକାଶ ସକାଶେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଋଣ ଆକାରରେ ୧ କୋଟି ଟଙ୍କା ପ୍ରଦାନ କରାଯିବ ବୋଲି ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୀବ ମିତ୍ତଲ କହିଛନ୍ତି ।



ଏଲ୍.ଆର୍. ଆଇନ ମହାବିଦ୍ୟାଳୟ ପକ୍ଷରୁ ପଞ୍ଜାବ କେଶରୀ ଲାଲା ଲଜପତ ରାୟଙ୍କ ୯୩ ତମ ବଳିଦାନ ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରଫେସର ମିତ୍ତଲ କହିଲେ ଯେ, ଲାଲାଜୀଙ୍କ ତ୍ୟାଗପୂତ ଜୀବନକୁ ଅନୁସରଣ କରି ଛାତ୍ରଛାତ୍ରୀ ମାନେ ରାଷ୍ଟ୍ରନିର୍ମାଣରେ ନିଜକୁ ଉତ୍ସର୍ଗୀକୃତ କରନ୍ତୁ । ଆଇନ ବିଷୟରେ ଜ୍ଞାନ ଆହରଣ ଓ ଦକ୍ଷତା ହାସଲ କରିବା ପରେ କର୍ମକ୍ଷେତ୍ରରେ ଦୃଷ୍ଟାନ୍ତମୂଳକ ସାଧୁତା ପ୍ରଦର୍ଶନ କରିବା ପାଇଁ କୁଳପତି ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ବିଜୟାନନ୍ଦ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ସହକାରୀ ପ୍ରଫେସର ଡକ୍ଟର ଲକ୍ଷ୍ମୀକାନ୍ତ ଦାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅନ୍ୟତମ ସହକାରୀ ପ୍ରଫେସର ଅଙ୍କିତ ସୌରଭ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ପ୍ରାରମ୍ଭରେ ମହାବିଦ୍ୟାଳୟ ପରିସରସ୍ଥ ଲାଲାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ।

# ଶାନ୍ତିଲତା ଦେବୀଙ୍କୁ ଶ୍ରଦ୍ଧାଞ୍ଜଳି

ସମ୍ବଲପୁର : ଶିକ୍ଷୟିତ୍ରୀ ଶାନ୍ତିଲତା ଦେବୀଙ୍କ ବିୟୋଗରେ ସ୍ଥାନୀୟ ରାଧାନାଥ ରଥ କମ୍ୟୁନିଟି ସେଣ୍ଟର ଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ମନ୍ତ୍ରୀ କିଶୋର ଚନ୍ଦ୍ର ପଟେଲ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ଜଗନ୍ନାଥ ସଂସ୍କୃତି ଗବେଷକ ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀ, ଅବସରପ୍ରାପ୍ତ ଜିଲ୍ଲା ଓ ଦୌରା ଜଜ ଗୋପରଞ୍ଜନ ଦୁବେ, ଅବସରପ୍ରାପ୍ତ ପ୍ରଶାସକ ବିପିନ ବିହାରୀ ପଟ୍ଟନାୟକ, ଅବସରପ୍ରାପ୍ତ ଶିକ୍ଷାମଣ୍ଡଳାଧିଶ ଡକ୍ଟର ଗିରିଧାରୀ ହୋତା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାଜେନ୍ଦ୍ର କୁମାର ପଣ୍ଡା, ଡକ୍ଟର ପ୍ରତିଭା ଦେବୀ, ଡକ୍ଟର ରାଜକୁମାର ଶାଣ୍ଡିଲ୍ୟ, ଅଧ୍ୟାପକ ସୁମନ୍ତ କୁମାର କର ପ୍ରମୁଖ ସ୍ୱର୍ଗତା ଶାନ୍ତିଲତା ଦେବୀଙ୍କୁ ଏକାଧାରରେ ଜଣେ ଆଦର୍ଶ ଶିକ୍ଷୟିତ୍ରୀ, ସୁଗୃହିଣୀ ଓ ସମାଜସେବୀକା ରୂପେ ଅଭିହିତ କରି ତାଙ୍କର ବିୟୋଗରେ ସମାଜର ଅପୂରଣୀୟ କ୍ଷତି ହେଲା ବୋଲି ମତବ୍ୟକ୍ତ କରିଥିଲେ । ସଭା ଶେଷରେ ଏକ ଶୋକ ପ୍ରସ୍ତାବ ଗୃହୀତ ହୋଇଥିଲା ।

# ସୁବର୍ଣ୍ଣପୁର ଜିଲ୍ଲା ପରିଷଦ ବୈଠକ

ସୋନପୁର : ସୁବର୍ଣ୍ଣପୁର ଜିଲ୍ଲା ପରିଷଦ ବୈଠକ ପରିଷଦ ଅଧକ୍ଷା ଉଷା କୁମାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବଲାଙ୍ଗୀର ଲୋକସଭା ସାଂସଦ ସଂଗୀତା କୁମାର ସିଂଦେଓ, ଜଲ୍ଲାପାଳ ଅବୋଲୀ ସୁନିଲ ନରୱାଣେ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଡୋଳାମଣି ପଟେଲ, ଜିଲ୍ଲା ପରିଷଦ ସଦସ୍ୟ, ଦସଦ୍ୟା, ବିଭିନ୍ନ ବ୍ଲକର ଅଧକ୍ଷ/ ଅଧକ୍ଷା, ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ୨୦୨୦-୨୧ ଏବଂ ୨୦୨୧-୨୨ ଆର୍ଥିକ ବର୍ଷରେ ଆବଣ୍ଟିତ ବିଭିନ୍ନ ପ୍ରକଳ୍ପ ଗୁଡିକର ବିଭାଜନ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି । ଜିଲ୍ଲାର ଗ୍ରାମାଞ୍ଚଳରେ ହେଉଥିବା ହାତୀ ଉପଦ୍ରବ, ବାରହା ଉପଦ୍ରବକୁ ପ୍ରତିହତ କରିବା ଉପରେ ବିଭାଗୀୟ ଅଧିକାରୀଙ୍କୁ ଗୁରୁତ୍ୱର ସହ ସମାଧାନ କରିବାକୁ ଆଲୋଚନା କରିଛନ୍ତି । ବୈଠକରେ କୋଅପରେଟିଭ୍, ଶିକ୍ଷା, ଜଳବିଭାଜିକା ପ୍ରକଳ୍ପ, ଉଠା ଜଳସେଚନ ଇତ୍ୟାଦିର କାର୍ଯ୍ୟକାରିତା ଓ ଅନ୍ୟାନ୍ୟ ଯୋଜନା ଉପରେ ସମୀକ୍ଷା ଯନ୍ତ୍ରୀ ଓ ଏହି ବିଷ୍ଣୁଧନ୍ୟବାଦ ଅର୍ପଣ କରିଥିଲେ ।

# ଡାକ୍ତର ବି.ପି. ମିଶ୍ର ଜୟନ୍ତୀ ପାଳିତ

ସମ୍ବଲପୁର : ବିଶିଷ୍ଟ ଶଲ୍ୟ ଚିକିତ୍ସକ ଡାକ୍ତର ବି.ପି ମିଶ୍ରଙ୍କ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି । ସ୍ମୃତି କମିଟିର ସଭାପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଜୟନ୍ତୀ ସଭାରେ ପ୍ରଫେସର ଡାକ୍ତର ଅଭୟ ରାୟଗୁରୁ ମୁଖ୍ୟ ଅତିଥି ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଫକିରଚରଣ ରଣା ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ । ଏହି ଅବସରରେ ଭିଏସଏସ କଲେଜ ମେଡିକାଲର ପୂର୍ବତନ ଅଧକ୍ଷ ପ୍ରଫେସର ଡାକ୍ତର ରାଧେଶାମ ପଣ୍ଡାଙ୍କୁ ଚଳିତ ବର୍ଷ ଡାକ୍ତର ବି.ପି. ମିଶ୍ର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । ଜୟନ୍ତୀ ସଭାରେ ଡାକ୍ତର ବି.ପି. ମିଶ୍ର ସ୍ମୃତି କମିଟିର ସମ୍ପାଦକ ପ୍ରଫୁଲ୍ଲ ହୋତା, ଯୁଗ୍ମ ସମ୍ପାଦକ ଚକ୍ରଧର ମିଶ୍ର, କୋଷାଧକ୍ଷ ଉଦ୍ଧବଚରଣ ମହାପାତ୍ର, କମିଟିର ସଭ୍ୟ ପ୍ରଶାନ୍ତ ମିଶ୍ର, ଡାକ୍ତର ତନୁରଞ୍ଜନ ମିଶ୍ର, ସଞ୍ଜୀବ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ । ଜୟନ୍ତୀ ଉପଲକ୍ଷେ ସକାଳେ ଡାକ୍ତର ବି.ପି. ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା ।

# ଭାଗବତ // ଜରାସନ୍ଧ ପ୍ରସଙ୍ଗ ଓ ଦ୍ୱାରିକାପୁରୀ ନିର୍ମାଣ

**ସଂ**ସାରରେ ଯେତେ ସବୁ ସାଧନା ଅଛି ସେ ସମସ୍ତର ଫଳ ହେଉଛି ମନ ଶୁଦ୍ଧି । ଏହି ମନ ଶୁଦ୍ଧି ପାଇଁ ମଣିଷ ନାନାବିଧ ସାଧନା କରିବାରେ ଲାଗିଥାଏ । ଜଗତ ବିକୃତ ହୋଇନାହିଁ, ମନ ଅଶୁଦ୍ଧି ହେତୁ ଜଗତ ବିକୃତ ହୋଇ ଯାଇଥିବା ଭଳି ଜଣାଯାଉଛି । ଏହି ଜଗତରେ ଜ୍ଞାନୀ ଅଛନ୍ତି, ଅଜ୍ଞାନୀ ବି ଅଛନ୍ତି । ଜ୍ଞାନୀମାନଙ୍କ ପାଇଁ ଏହି ଜଗତ ଆନନ୍ଦଦାୟୀ ହୋଇଥିବା ବେଳେ ଅଜ୍ଞାନୀମାନଙ୍କ ପାଇଁ ଦୁଃଖଦାୟୀ ହୋଇଥାଏ । ଜ୍ଞାନୀଙ୍କ ମନ ଅତି ଶୁଦ୍ଧ ଥାଏ ଏବଂ ଅଜ୍ଞାନୀଙ୍କର ପଶୁଙ୍କ ଭଳି ଜଡ଼ ।

ମଣିଷ ମନକୁ ଅଶୁଦ୍ଧ କରେ କିଏ ? କାମ କ୍ରୋଧାଦି ବିକାର ମଣିଷ ମନକୁ ଅଶୁଦ୍ଧ କରେ । ମନ ନିର୍ବିକାର ଓ ନିର୍ବାସନାମୟ ହେଲେ ତାହା ଶୁଦ୍ଧ ହୁଏ । ଶୁଦ୍ଧ ହୋଇଯାଇଥିବା ମନ ନିଷ୍କାମ ହୁଏ, ଏହାପରେ ଜ୍ଞାନ ଉଦୟ ହୁଏ । ମନ ଶୁଦ୍ଧି ନିମନ୍ତେ ଯୋଗୀମାନେ ଧ୍ୟାନ, ଧାରଣା, ପ୍ରତ୍ୟାହାର, ପ୍ରାଣାୟାମ ଆଦି କରନ୍ତି । କିନ୍ତୁ ଏପରି ଅନେକଥର କରିବା ପରେ ବି ମନ ପୂର୍ଣ୍ଣରୂପରେ ଶୁଦ୍ଧ ହୋଇ ନ ଥିବା ଦେଖାଯାଏ ।

ଯେତେବେଳେ ଶ୍ରୀକୃଷ୍ଣ ବିରହରେ ବ୍ୟାକୁଳ ହୋଇ କୃଷ୍ଣ ଦର୍ଶନ ନିମନ୍ତେ ପ୍ରାଣ ଛଟପଟ ହେବାରେ ଲାଗେ, ସେତେବେଳେ ମନ ଶୁଦ୍ଧ ହେବାରେ ଲାଗେ । ବିରହାଗ୍ନିରେ ମନର ମଳିନତା ଜଳିଯାଏ । ସାଧାରଣ ମାନବ ପ୍ରଭୁ ବିରହ ସହ୍ୟ ତ କରି ଦେଇଥାନ୍ତି, କିନ୍ତୁ ସନ୍ଥଙ୍କ କ୍ଷେତ୍ରରେ ପ୍ରଭୁ ବିରହ ଅସହ୍ୟ ହୋଇଥାଏ । ସେମାନଙ୍କର ଦର୍ଶନାତୁରା ଶରୀରକୁ ଜାଳି ମନକୁ ତନ୍ମୟ କରିଦିଏ, ଏହାପରେ ସେମାନେ ଈଶ୍ୱରଙ୍କୁ ଅନଭବ କରିଥାନ୍ତି ।

ଏମିତି ଦେଖିବାକୁ ଗଲେ କୃଷ୍ଣ ସର୍ବତ୍ର ଅଛନ୍ତି । ତେବେସୁଦ୍ଧା କୃଷ୍ଣ ବିରହରେ ଜଳୁଥିବା ବ୍ରଜବାସୀ ଲୁହ ଝରାଇବାରେ ଲାଗିଥିଲେ । ବୃନ୍ଦାବନ ସେମାନଙ୍କୁ ଶ୍ମଶାନ ଭଳି ଲାଗିଥିଲା ।

ବିରହରେ ଜୀବ ଅସମ୍ଭାଳ ହୋଇଯାଏ । ଏପରି ଅସମ୍ଭାଳ ସମୟରେ ତା ହୃଦୟରେ ପ୍ରିୟତମଙ୍କର ମଧୁର ଛବି ଦୃଶ୍ୟ ହେବାରେ ଲାଗେ । ସଂଯୋଗ ସମୟରେ ତା ସହିତ ପ୍ରିୟତମ ଏକାକାରେ ହୋଇଯାଇଥିବା ଭଳି ତ ତାକୁ ଲାଗେ ହେଲେ ବିରହାବସ୍ଥାରେ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ରୂପରେ ସେ ଦେଖା ଦେଇଥାଆନ୍ତି । ବିରହାବସ୍ଥାରେ ଦୃଷ୍ଟି ଯେଉଁ ଯେଉଁ ସ୍ଥାନରେ ପଡେ ସେହି ସେହି ସ୍ଥାନରେ ପ୍ରିୟତମ ଦୃଷ୍ଟିଗୋଚର ହେବାରେ ଲାଗନ୍ତି ।

ଗୋପୀମାନଙ୍କ ପ୍ରେମକଥା ଉଦ୍ଧବଙ୍କ ପ୍ରସଙ୍ଗ ପରେ ସମାପ୍ତ ହୋଇଯାଇଛି । ଗୋପୀମାନେ ହେଉଛନ୍ତି ପ୍ରେମ ଲକ୍ଷଣା ଭକ୍ତଙ୍କ ଆଚାର୍ଯ୍ୟ । ସଂସାରରେ ରହି ସାଂସାରିକ ବ୍ୟବହାର ପ୍ରତିପାଳନ କରୁଥିବା ସମୟରେ କି ଭଳି ପ୍ରଭୁଭକ୍ତି କରାଯାଇ ପାରେ ସେମାନେ ତାହା ଶିଖାଇଛନ୍ତି ।

ଭାଗବତରେ ପ୍ରତ୍ୟେକ ଚରିତ୍ର ଶେଷରେ ଏହାର ରହସ୍ୟ ନିର୍ଦ୍ଦିଷ୍ଟ



କରାହୋଇଛି । କଂସର ରାଣୀଦ୍ୱୟ, ଅସ୍ତି ଓ ପ୍ରାପ୍ତିଙ୍କ କଥା ଆମେ ଜାଣିଛେ । ନୀତି ହେଉ ବା ଅନୀତି, ଯେ କୌଣସି ଉପାୟରେ ଧନ ସଂଗ୍ରହ କରୁଥିବା ଲୋକ ହିଁ କଂସ । ଯେଉଁଦିନ ଠାରୁ ଲୋକମାନେ ଧନକୁ ସକଳ ସୁଖର ଆଧାର ରୂପେ ଗ୍ରହଣ କରିଛନ୍ତି, କେବଳ ବ୍ୟାଙ୍କ ବାଲାନ୍ସ ବଢ଼ାଇବା ଚିନ୍ତାରେ ଚିନ୍ତାକୁଳ ରହିବାରେ ଲାଗିଛନ୍ତି, ସେହି ଦିନଠାରୁ ପାପ ବର୍ଦ୍ଧନ ହେବାରେ ଲାଗିଛି, କଂସ ବଢ଼ିବାରେ ଲାଗିଛି । ପଇସା ହୁଏ ତ କିଛି ସୁଖ ଦେଇପାରେ, ମାତ୍ର ଶାନ୍ତି କଦାପି ଦେଇପାରେ ନାହିଁ ।

ଦଶମସ୍କନ୍ଧର ଉତ୍ତରାର୍ଦ୍ଧ ଆରମ୍ଭ ହୋଇଛି ଶ୍ରୀମଦ୍ ଭାଗବତର ୫୦ ତମ ଅଧ୍ୟାୟରୁ । ଏହି ଅଧ୍ୟାୟରୁ ଜରାସନ୍ଧର ଆକ୍ରମଣ ପ୍ରସଙ୍ଗ ଆରମ୍ଭ ହୋଇଛି । ଏହା ଭାଗବତର ସମାଧି ଭାଷା, ଏହାର ତାତ୍ପର୍ଯ୍ୟ ଆମେ ଅନୁସନ୍ଧାନ କରି ହୃଦୟଙ୍ଗମ କରିବା ଉଚିତ । ଆମେ ଯେତେବେଳେ ୫୦ ବର୍ଷ ବୟସରେ ପଦାର୍ପଣ କରୁ, ଜରାସନ୍ଧ ରୂପୀ କାଳ ଆମ ଶରୀର ରୂପୀ ମଥୁରା ନଗରୀକୁ ଆକ୍ରମଣ କରେ । ଜରାସନ୍ଧ ହେଉଛି ବୃଦ୍ଧାବସ୍ଥା । ଆମର ଉତ୍ତରାବସ୍ଥା ହିଁ ହେଉଛି ଜରାସନ୍ଧ । ଏହି ସମୟରେ ଆମ ଶରୀରର ଯେ କୌଣସି ଅଙ୍ଗକୁ ଜରାସନ୍ଧ ଆକ୍ରମଣ କରିପକାଇ ଥାଏ ।

ପଚାଶ ବର୍ଷ ପୂରଣ ହେବା ପରେ ଜରାସନ୍ଧ ଆସେ । ଏହି ସମୟରେ ମଣିଷର ପୂର୍ବାର୍ଦ୍ଧ ସମାପ୍ତ ହୋଇ ଉତ୍ତରାର୍ଦ୍ଧ ଆସେ । ବୃଦ୍ଧାବସ୍ଥା ଆରମ୍ଭ ହୁଏ । ଜରାସନ୍ଧର ଆଗମନ କରିବା ମାତ୍ରେ ମଥୁରା ଗଡ଼ ଭାଙ୍ଗିବାରେ ଲାଗେ । ମଣିଷର ହାତ, ଗୋଡ଼, ଆଖି, କାନ ଆଦିର ଶକ୍ତି କ୍ଷୀଣ ହେବାରେ ଲାଗେ । ପୁରାତନ ପ୍ରବୃତ୍ତି ହ୍ରାସ ନ କରିଥିବା ମନୁଷ୍ୟ ଅନେକ ସନ୍ତାପ ଭୋଗ କରିଥାଏ । ଏଣୁ କୁହାଯାଇଛି, ଚାଳିଶ ବର୍ଷ ବୟସ ହେବା ପରେ ପରେ ମଣିଷ ତା'ର ପ୍ରବୃତ୍ତିମାର୍ଗକୁ କମାଇବା ଆରମ୍ଭ କରିଦେବା ଉଚିତ । ପ୍ରବୃତ୍ତିରୁ ସମୟ କମାଇ ପ୍ରଭୁ ସେବାରେ ଧୀରେ ଧୀରେ ଅଧିକରୁ ଅଧିକ ସମୟ ଦେବା ଉଚିତ ।

ଶ୍ରୀକୃଷ୍ଣ ଜରାସନ୍ଧକୁ ସତର ଥର ପରାଜିତ କରିଥିଲେ । ଅଷ୍ଟାଦଶ ଥର ଜରାସନ୍ଧ କାଳଯବନକୁ ସାଙ୍ଗରେ ଧରି ଆକ୍ରମଣ କରିବାକୁ ଆସିଥିଲା ଭାଗବତରେ ଲେଖା ହୋଇଛି । ଏଥର ଜରାସନ୍ଧ ପ୍ରଥମେ କାଳକୁ ପଠାଇଥିଲା ।

ଯେତେବେଳେ ଜରାସନ୍ଧ ବୃଦ୍ଧାବସ୍ଥା ତା' ସହିତ କାଳଯବନ କାଳକୁ ସାଙ୍ଗରେ ଧରି ଆକ୍ରମଣ କରେ ସେତେବେଳେ ତା' ହାତରୁ ରକ୍ଷା ପାଇ ବଞ୍ଚିବା ସହଜ ହୋଇ ନ ଥାଏ । ଜରାସନ୍ଧ ଓ କାଳଯବନ ମିଳିତ ଭାବେ ଆକ୍ରମଣ କରିବା କ୍ଷଣି ଶ୍ରୀକୃଷ୍ଣଙ୍କୁ ମଥୁରା ତ୍ୟାଗ କରି ଦ୍ୱାରିକାକୁ ଯିବାକୁ ପଡ଼ିଥିଲା ।

ଦ୍ୱାରିକା ଅର୍ଥାତ୍ ବ୍ରହ୍ମବିଦ୍ୟା । ଦ୍ୱାରିକା ବ୍ରହ୍ମ ଧସା ସା ବ୍ରହ୍ମବିଦ୍ୟା । ଅର୍ଥାତ୍, ଶ୍ରୀକୃଷ୍ଣ ବ୍ରହ୍ମବିଦ୍ୟାର ଆଶ୍ରୟ ନେଲେ । ଅର୍ଥାତ୍ ମଥୁରା ରୂପୀ ମାନବ ଦେହ ତ୍ୟାଗ କରି ବ୍ରହ୍ମବିଦ୍ୟାର ଆଶ୍ରୟ ଭଗବାନଙ୍କୁ ବି ନେବାକୁ ପଡିଥିଲା ।

ବୃଦ୍ଧାବସ୍ଥା ଯେତେବେଳେ ତା ସହିତ କାଳକୁ ସାଙ୍ଗରେ ଧରି ଆସେ ସେତେବେଳେ ଦ୍ୱାରିକା ବ୍ରହ୍ମବିଦ୍ୟାର ଆଶ୍ରୟଦେବା ଉଚିତ । ବ୍ରହ୍ମବିଦ୍ୟା ରୂପୀ ଦ୍ୱାରିକାର ଦ୍ୱାର ଜରାସନ୍ଧ ଓ କାଳ ପାଇଁ ଖୋଲେ ନାହିଁ । ବ୍ରହ୍ମନିଷ୍ଠକୁ ଭୋଗ, କାଳ ଅଥବା ବୃଦ୍ଧାବସ୍ଥା ହିନସ୍ତା କରିପାରେ ନାହିଁ । ବୃଦ୍ଧାବସ୍ଥାରେ ବୃଦ୍ଧ ସତର ଥର ହୁଏତ ବେମାରିରୁ ବଞ୍ଚିଯାଇ ପାରେ, ମାତ୍ର ଅଷ୍ଟାଦଶ ଥର କାଳ ତାକୁ ଆଉ ଛାଡେ ନାହିଁ । ଜରାସନ୍ଧର ଗ୍ରାସ ଅର୍ଥାତ୍ ଜନ୍ମ ମୃତ୍ୟୁର ତ୍ରାସ । ଜନ୍ମ ନେଲେ ଜରା ଓ ମୃତ୍ୟୁର ବ୍ୟବସ୍ଥା ସହ୍ୟ କରିବାକୁ ହିଁ ପଡ଼ିଥାଏ ।

# କଠିନ ପରିଶ୍ରମ ଦ୍ୱାରା ସଫଳତା ମିଳେ

**ଜୀ**ବନରେ ପ୍ରତ୍ୟେକ ବ୍ୟକ୍ତି ସଫଳତା ପ୍ରାପ୍ତ କରିବାକୁ ଚାହିଁଥାଏ, କିନ୍ତୁ ସଫଳତା ତାକୁ ମିଳିଥାଏ, ଯିଏ ଏଥିପାଇଁ ପୂର୍ଣ୍ଣ ନିଷ୍ଠା ଓ କୌଶଳର ସହିତ ଭରପୂର ପରିଶ୍ରମ କରିଥାଏ । ସଫଳତା ପ୍ରାପ୍ତି ନିମନ୍ତେ କେବଳ କଠିନ ପରିଶ୍ରମ କରିବା ପର୍ଯ୍ୟାପ୍ତ ହୋଇ ନ ଥାଏ । ଏଥିପାଇଁ ନିଷ୍ଠା ଓ କୌଶଳ ନିହାତି ଆବଶ୍ୟକ । ନିଷ୍ଠା ଏପରି ହେବା ଦରକାର ଯେପରି ବ୍ୟକ୍ତିର ଧ୍ୟାନ ନିଜ ଲକ୍ଷ୍ୟରୁ କେବେ ବି ହଟିବ ନାହିଁ । କୌଶଳର ସଂପୁଟ କାର୍ଯ୍ୟର ସୁନ୍ଦରତା ଓ ଅଭିବ୍ୟକ୍ତିକୁ ପରିସ୍ଫୁଟ କରିବା ପାଇଁ ଆବଶ୍ୟକ ହୋଇଥାଏ । ଏହା ବ୍ୟତୀତ କଠିନ ପରିଶ୍ରମ ହିଁ ବ୍ୟକ୍ତି ନିମନ୍ତେ ସେହି ମାର୍ଗ ଗଢ଼ିଥାଏ, ଯାହା ଉପରେ ଚାଲି ବ୍ୟକ୍ତି ସଫଳତା ପର୍ଯ୍ୟନ୍ତ ପହଞ୍ଚି ଥାଏ ।

ଏହିପରି ନିଷ୍ଠା, କୌଶଳ ଓ କଠିନ ପରିଶ୍ରମ ତିନିଟି ଦ୍ୱାରା ହିଁ ବ୍ୟକ୍ତି ନିଜ ସଫଳତାର ମାର୍ଗରେ ଆଗକୁ ବଢ଼ିପାରେ । ଯେଉଁ ବ୍ୟକ୍ତି ଏ ତିନିଟି ମଧ୍ୟରୁ କୌଣସି ଗୋଟିଏକୁ ଗ୍ରହଣ କରି ସଫଳତା ପ୍ରାପ୍ତିର ପ୍ରୟାସ କରିଥାଏ, ତାକୁ ଅପୂର୍ଣ୍ଣ ସଫଳତା ହିଁ ମିଳିଥାଏ । ଉଦାହରଣ ସ୍ୱରୂପ, ଯଦି ବ୍ୟକ୍ତି ପାଖରେ ନିଷ୍ଠା ଅଛି ତ ସେ କାର୍ଯ୍ୟ କରିବାରେ ସମ୍ପୂର୍ଣ୍ଣ ରୂପେ ଲାଗି ରହିଥାଏ, କିନ୍ତୁ ସେଥିପାଇଁ କଠୋର ପରିଶ୍ରମ କରେ ନାହିଁ । ତା'ଠାରେ କୁଶଳତାର ବି ଅଭାବ ଥାଏ, ତେଣୁ କାର୍ଯ୍ୟରେ ସଫଳତା ମଧ୍ୟ ତାକୁ ସମ୍ପୂର୍ଣ୍ଣ ରୂପେ ମିଳିପାରେ ନାହିଁ ।

ଯଦି ବ୍ୟକ୍ତି ମଧ୍ୟରେ କୌଣସି କାର୍ଯ୍ୟକୁ କରିବାର କୌଶଳ ଅଛି ଏବଂ କାର୍ଯ୍ୟକୁ କିପରି ଉତ୍ତମ ରୂପେ କରିବାକୁ ହେବ ତାକୁ ଜଣା ଅଛି, କିନ୍ତୁ ଯଦି ତା' ଭିତରେ କାର୍ଯ୍ୟ ପ୍ରତି ନିଷ୍ଠା ନାହିଁ କି ଏଥିପାଇଁ ସେ କଠିନ ପରିଶ୍ରମ କରୁ ନାହିଁ ତେବେ ଏପରି ବ୍ୟକ୍ତିକୁ ବି ସଫଳତା ମିଳି ପାରିବ ନାହିଁ ।

ଏହା ବ୍ୟତୀତ ଯଦି ବ୍ୟକ୍ତି ବହୁତ କଠୋର ପରିଶ୍ରମ କରୁଥାଏ, କିନ୍ତୁ ତା' ପାଖରେ ନିଷ୍ଠା ଓ କୌଶଳର ଅଭାବ ଥାଏ ତ ସେ ନିଜର କାର୍ଯ୍ୟକୁ ଦୀର୍ଘ ସମୟ ପର୍ଯ୍ୟନ୍ତ କରି ପାରିବ ନାହିଁ । ନିଷ୍ଠା ନ ଥିବାରୁ ସେ ପୂର୍ଣ୍ଣ ମନରେ କାର୍ଯ୍ୟ କରି ପାରିବ ନାହିଁ ଏବଂ ଅପୂର୍ଣ୍ଣ ମନରେ ହିଁ ପରିଶ୍ରମ କରିବ । ଏଣୁ ତାକୁ ମଧ୍ୟ ନିଜ କାର୍ଯ୍ୟରେ ସମ୍ପୂର୍ଣ୍ଣ ରୂପେ ସଫଳତା ମିଳି ପାରିବ ନାହିଁ ।

କେବେ କେବେ ସଫଳତା ପ୍ରାପ୍ତି ନିମନ୍ତେ କଠୋର ପରିଶ୍ରମ କରିବା ଦରକାର ପଡ଼େ ନାହିଁ । କଠିନ ପରିଶ୍ରମ ସେମାନଙ୍କ ପାଇଁ ଆବଶ୍ୟକ, ଯେଉଁମାନଙ୍କ ପାଇଁ ସଫଳତା ପ୍ରାପ୍ତିର କାର୍ଯ୍ୟକ୍ଷେତ୍ର ନୂଆ ହୋଇଥାଏ । ଯେଉଁମାନେ ନିଜର କାର୍ଯ୍ୟ ସହିତ ପୂର୍ବରୁ ପରିଚିତ, ସେଥିରେ କୁଶଳତା ପ୍ରାପ୍ତ କରି ସାରିଛନ୍ତି, ସେମାନଙ୍କୁ କେବଳ ଧ୍ୟାନର ସହିତ ପରିଶ୍ରମ କରିବା ଆବଶ୍ୟକ ହୋଇଥାଏ, କଠିନ ପରିଶ୍ରମ କରିବା ଆବଶ୍ୟକ ହୋଇଥାଏ ।

ଯଦି ଆମେ କୌଣସି କାର୍ଯ୍ୟକୁ କରିବାରେ କଠିନ ପରିଶ୍ରମ କରିବା, କିନ୍ତୁ ସେହି ପରିଶ୍ରମ ସଠିକ ଦିଶାରେ ହେବ ନାହିଁ ତେବେ ସେହି ପରିଶ୍ରମର କୌଣସି ଅର୍ଥ ନ ଥାଏ । ଉଦାହରଣ ସ୍ୱରୂପ ଯଦି ଆମକୁ ପାଣି ବାହାର କରିବା ପାଇଁ କୂଅ ଖୋଳିବାରେ ଅଛି ତେବେ ଆମକୁ ଗୋଟିଏ ସ୍ଥାନରେ ଗଭୀର ଭାବରେ କୂଅ ଖୋଳିବାକୁ ହେବ । ଏଥିରେ କୂଅ ଖୋଳିବା କଠିନ ପରିଶ୍ରମର କାମ, କିନ୍ତୁ ଯଦି କୌଣସି ବ୍ୟକ୍ତିକୁ ଏକଥା ଜଣା ନ ଥାଏ ଏବଂ ତାକୁ କେବଳ ପାଣି ବାହାର କରିବା ପାଇଁ ମାଟି ଖୋଳିବା କଥା ଜଣାଥାଏ ଓ ସେ ଭୂମିକୁ ଗଭୀର କରି ଖୋଳିବା ବଦଳରେ ଲମ୍ବାରେ ଖୋଳିଚାଲେ ତେବେ ତଦ୍ୱାରା କୂଅ ଖୋଳି ହେବ ନାହିଁ, ବରଂ ଏପରି କରିବା ଦ୍ୱାରା ନାଳ ଖୋଳି ହୋଇଯିବ ନିଶ୍ଚୟ । ସେଥିପାଇଁ ସଫଳତା ନିମନ୍ତେ କରାଯାଇଥିବା ପରିଶ୍ରମ ସଠିକ ଦିଶାରେ ହେବା ଉଚିତ, ଅନ୍ୟଥା ଆମକୁ ଏହାର ସୁଫଳ ମିଳେ ନାହିଁ । କେତେ ଥର ଲୋକେ ଯେତେବେଳେ ସଫଳତା ପ୍ରାପ୍ତି ହେତୁ କୌଣସି କାର୍ଯ୍ୟକୁ କରନ୍ତି ତ ସେମାନଙ୍କୁ ନିଜ କାର୍ଯ୍ୟରେ ସଫଳତା ମିଳିବ କି ନାହିଁ ଏକଥାର ଚିନ୍ତା ବି କରିଥାନ୍ତି । ସଫଳତା ପ୍ରାପ୍ତିର ଏହି ଚିନ୍ତା ସେତେବେଳେ ଆହୁରି ବଢ଼ିଯାଏ, ଯେତେବେଳେ କୌଣସି ଖେଳ ଖେଳାଯାଏ । ପ୍ରତିପକ୍ଷରେ ଅନ୍ୟ କେହି କଥା ବା ଦଳ ରହିଥାଏ । ପୁଣି ସେଇ ଖେଳରେ ହାରିବା ଓ ଜିତିବାର ପ୍ରଶ୍ନ ଉଠିଥାଏ । ଲକ୍ଷ ଲକ୍ଷ ଲୋକଙ୍କ ନଜର ସେହି ଖେଳ ଉପରେ ରହିଥାଏ । ପ୍ରତ୍ୟେକ ଜିତିବା ପାଇଁ ଖେଳନ୍ତି, କିନ୍ତୁ ଖେଳରେ ବିଜୟ କୌଣସି ଗୋଟିଏ ଦଳକୁ ବା ଜଣେ ବ୍ୟକ୍ତିକୁ ହିଁ ମିଳିଥାଏ ।

ଖେଳ ଖେଳିବା ସମୟରେ ଯଦି କାହାର ଧ୍ୟାନ କେବଳ ସଫଳତା ପ୍ରାପ୍ତି ରହେ ତେବେ ସେ ଏକ ପ୍ରକାରେ ମନରେ ଚାପ ରଖି ଖେଳିଥାଏ ଓ ଏଭଳି ସ୍ଥିତିରେ ସେ ଖେଳର ଆନନ୍ଦ ନେଇପାରେ ନାହିଁ ଏବଂ ନିଜ ବିଜୟର ଦିଶାରେ ସଠିକ ପ୍ରୟାସ କରିପାରେ ନାହିଁ, କାରଣ ଖେଳର ଆନନ୍ଦ ନେଇ କୁଶଳତାର ସହିତ ଖେଳିବା ଦରକାର ହିଁ ବିଜୟ ହୋଇଥାଏ । ତେଣୁ ସଫଳତା ବିଷୟରେ ଚିନ୍ତା କରିବା ଛାଡ଼ି ମନକୁ ଶାନ୍ତ ରଖିବା ଜରୁରୀ । ଏହି ଶାନ୍ତ ମନରେ ହିଁ ଶରୀର ନିଜର ପୂର୍ଣ୍ଣ କ୍ଷମତାର ସହିତ କାର୍ଯ୍ୟ କରିଥାଏ ।

ଲୋକେ ପ୍ରାୟ କାର୍ଯ୍ୟ ସମୟରେ ନିଜ ମନରେ ଅସ୍ଥିର ଓ ଚଞ୍ଚଳ ରହିଥିବାର ଦେଖାଯାଏ । ଏପରି ହେଲେ ଶରୀର ସମ୍ପୂର୍ଣ୍ଣ ଏକାଗ୍ରତାର ସହିତ କାର୍ଯ୍ୟ କରିପାରେ ନାହିଁ ଏବଂ ଫଳସ୍ୱରୂପ ବ୍ୟକ୍ତି ନିଜ କାର୍ଯ୍ୟରେ ପୁରାପୁରି ସଫଳ ହୋଇପାରେ ନାହିଁ । ବିଜୟ ବା ସଫଳତା ଉପରେ ବ୍ୟକ୍ତିର ଧ୍ୟାନ ଲଗାଏତ ଲାଗି ରହିଲେ ତା' ମନ ଉପରେ ଏକ ଚାପ ରହିଥାଏ ।

**ଅବଶିଷ୍ଟାଂଶ ୧୦ମ ପୃଷ୍ଠାରେ**

# ସ୍ୱର୍ବେଦ

**ଆଶା ତୃଷ୍ଣା କିମି ମରେ, ମନ ମାୟା କିମି ନାଶ ।**
**ଓ୍ୱେନ ଯୁକ୍ତି ବତଲାଇୟେ, କଓ୍ୱନ ମାର୍ଗ ସତ୍ୟ ଭାସ ।।୩୩।।**

ଭାଷ୍ୟ - ଜଗତର ଆଶା, ବିଷୟ-ତୃଷ୍ଣା କେମିତି ମରିବ ଏବଂ ମନ ରୂପୀ ମାୟାର କେମିତି ବିନାଶ ହେବ ତଥା ଏମାନଙ୍କର ନାଶ ନିମନ୍ତେ କେଉଁ ମାର୍ଗ ସବୁ ଅଛି । ହେ ମେଧାବୀ ସର୍ବଦ୍ରଷ୍ଟା ! କ୍ରାନ୍ତପ୍ରାଜ୍ଞ ମନୀଷୀଗଣ ! ସତ୍ୟ କୁହନ୍ତୁ । ସତ୍ୟ ଉପଦେଶ ଦିଅନ୍ତୁ । ବିହଙ୍ଗମ ଯୋଗର ସାଧନା ଅଭ୍ୟାସରୁ ହିଁ ଯେବେ ଆତ୍ମା ଉର୍ଦ୍ଧ୍ୱଗତି ହେବାରେ ଲାଗେ, ତେବେ ଅକ୍ଷରର ପ୍ରକାଶ ଯୋଗୁଁ ମନ ଶାନ୍ତ ହୋଇ ନିଜ ମୂଳ କାରଣ ତତ୍ତ୍ୱରେ ଲୀନ ହୋଇଯାଏ । ଯେଉଁଠି ମନର ଉଦ୍‌ଗମ ହୋଇଛି, ସେହି ସ୍ଥାନରେ ପହଞ୍ଚି ମନ ଶାନ୍ତ ହୋଇଥାଏ ଏବଂ ଯୋଗୀ ମନସ୍ୱୀ ହୋଇଯାଏ । ମେଧାବୀ ଏବଂ ମନୀଷୀ ଏକ ଅର୍ଥର ବାଚକ, ସମାନାର୍ଥକ ବୈଦିକ ଶବ୍ଦ ଅଟେ ।

**ମନ ସହ ଗୋ ବିଷୟୋଁ ଥକେ, ଚେଷ୍ଟା ବୁଦ୍ଧି ଅଭାଓ୍ୱ ।**
**ପ୍ରଥମ ଅଓ୍ୱସ୍ଥା ଯୋଗ କୀ, ଆଗେ ପର ପରଭାଓ୍ୱ ।।୩୪।।**

ଭାଷ୍ୟ - ବିହଙ୍ଗମ ଯୋଗର ଧାରଣା, ପ୍ରଥମ ଅବସ୍ଥାରେ ମନ ସହିତ ଇନ୍ଦ୍ରିୟଗୁଡ଼ିକ ଥକିଯାଇ ନିଜ କାରଣରେ ଶାନ୍ତ ହୋଇଯାଆନ୍ତି ଏବଂ ବୁଦ୍ଧି ମଧ୍ୟ ଚେଷ୍ଟା ତଥା ତର୍କ-ବିତର୍କରୁ ମୁକ୍ତ ହୋଇଯାଏ । ସେତେବେଳେ ଆତ୍ମା ନିଜ ଚିନ୍ମୟ ଶୁଦ୍ଧ ସ୍ୱରୂପରେ ପରମାନନ୍ଦର ଉପଭୋଗ କରି ପ୍ରକୃତି-ବନ୍ଧନରୁ ମୁକ୍ତ ହୋଇଯାଏ ।

**ପ୍ରାରବ୍ଧ ତଓ୍ୱ ସାଥ ହୈ, ନାମଧନୀ ଶିର ଧାମ ।**
**ଫିର ତୁମ କ୍ୟା ଚିନ୍ତା କରୋ, ଭଜନ କରୋ ନିସକାମ ।।୩୫।।**

ଭାଷ୍ୟ- ଯୋଗୀକୁ ପରମାନନ୍ଦ ପ୍ରାପ୍ତି ପରେ ଶରୀରର ପ୍ରାରବ୍ଧ-ଭୋଗ ହିଁ ରହିଯାଏ, ତେବେ ଚିନ୍ତା କାହା ପାଇଁ ? ଯେବେ ସମସ୍ତ ଚରାଚର ଜଗତର ସ୍ୱାମୀ ମସ୍ତକରେ ବିରାଜମାନ, ସେଥିପାଇଁ ସମସ୍ତ କାମନାଗୁଡ଼ିକୁ ତ୍ୟାଗକରି ମହାପ୍ରଭୁଙ୍କ ଭଜନ କରିବା ଉଚିତ । ଯୋଗୀକୁ ଦେହର ଭୋଗ ବାକି ରହିଥାଏ, କାହିଁକି ନା କୌଣସି କର୍ମର ଅନୁକୂଳରୁ ହିଁ ଏହି ଶରୀର ପ୍ରାପ୍ତ ହୋଇଅଛି, ସେଥିପାଇଁ ଶରୀର ଏବଂ ଶରୀରସ୍ଥ ପ୍ରାରବ୍ଧକୁ ଭୋଗ କରି ହିଁ ଯୋଗୀ ମୁକ୍ତି ଲାଭ କରିଥାଏ । ସଂଚିତ ଏବଂ କ୍ରିୟମାଣ ଏହି ଦୁଇଟି କର୍ମ ଯୋଗୀ ପାଖରେ ନ ଥାଏ । ସଂଚିତ ଯୋଗାଗ୍ନିରେ କ୍ଷୟ ହୋଇଯାଏ ଏବଂ କ୍ରିୟମାଣ କର୍ମରେ ଯୋଗୀ ଅସଙ୍ଗ ଅର୍ଥାତ୍ ନିର୍ଲେପ ରହିଥାନ୍ତି । କେବଳ ଶରୀରର ପ୍ରାରବ୍ଧ ଯୋଗୀ ସାଥୀରେ ରହିଥାଏ ଏବଂ ସେ ସଂସାରରେ ଜଳ-କମଳବତ୍ ଅସଙ୍ଗ ହୋଇ, କୁରାଳଚକ୍ର ପରି ନିଜ ଆତ୍ମୀକ ଚେଷ୍ଟା ଯୋଗୁଁ ସମଗ୍ର ଦେହ-ସଂଘାତ କ୍ରିୟା କରିଥାଏ । ଶୁଦ୍ଧ ଆତ୍ମୀକ ଭୂମିରୁ ହିଁ ଯୋଗୀ ଏହି ଶରୀର-ସଂଘାତ କ୍ରିୟା କରିଥାଏ, ସେଥିପାଇଁ ପ୍ରକୃତି ଏବଂ ତାହାର କର୍ମ ଉପଭୋଗ ସେଥିରେ ହୁଏ ନାହିଁ । ସେ ଅସଂଗ ହୋଇ ସମସ୍ତ କର୍ମର କର୍ତ୍ତା ଏବଂ ଉପଭୋକ୍ତା ହୋଇଥାଏ ।


**ମୋହ ଶୋକ ଚିନ୍ତା ଭ୍ରମ, କରୋ ସର୍ବଥା ତ୍ୟାଗ ।**
**ଅଭୟ ମହାପ୍ରଭୂ କୋ ଭଜୋ, ଦେଶ କାଲ ସବ ଲାଗ ।।୩୬।।**

ଭାଷ୍ୟ - ମୋହ, ଶୋକ, ଚିନ୍ତା ଏବଂ ଭ୍ରମ ଆଦିକୁ ସମ୍ପୂର୍ଣ୍ଣ ରୂପେ ତ୍ୟାଗକରି, ନିର୍ଭୟ ହୋଇ, ଦେଶ-କାଳର ସମସ୍ତ ସ୍ଥିତିରେ ମହାପ୍ରଭୁଙ୍କର ଭଜନ କର । ଯେମିତି କୌଣସି ପ୍ରକାର ଅସୁବିଧା କିମ୍ବା ବିପଦରେ ମହାପ୍ରଭୁଙ୍କର ଭକ୍ତି ଯେମିତି ତୁଟି ନ ଯାଏ । ଏହା ଉତ୍ତମ ଭକ୍ତର ଆଦର୍ଶ ଅଟେ । ଅତଏବ ସମସ୍ତ କାଳ, ଦେଶ ଏବଂ ପରିସ୍ଥିତିରେ ମହାପ୍ରଭୁଙ୍କର ଭକ୍ତି କରିବା ବିଧେୟ । ଏହା ଉତ୍ତମ ଏବଂ ବିବେକୀ ଭକ୍ତର ଲକ୍ଷଣ ଅଟେ ।

**ହୀରା ଶ୍ୱାସ ଅମୂଲ୍ୟ ହୈ, ସର୍ବ ଭଜନ ମେଁ ଲାଓ୍ୱ ।**
**ବ୍ୟର୍ଥ ଓ୍ୱିଷୟ ମତ ଖୋଇୟେ, ପ୍ରଭୁ କେ ଶରଣ ସମାଓ୍ୱ ।।୩୭।।**

ଭାଷ୍ୟ - ଏଠାରେ ଏହି ଜୀବନ-ଶ୍ୱାସକୁ ହୀରା ବୋଲି ଅଭିହିତ କରାଯାଇଛି, ଯେଉଁ ଶ୍ୱାସ ରୂପକ ହୀରାର ମୂଲ୍ୟାଙ୍କନ କରାଯାଇ ନ ପାରେ । ସଂସାରରେ ଗୋଟିଏ ପଥରକୁ ହୀରା କୁହାଯାଏ, ଯାହାର ମୂଲ୍ୟ ଥାଏ । ପରନ୍ତୁ ଆଧ୍ୟାତ୍ମ୍ୟ କ୍ଷେତ୍ରରେ ଏହି ଶ୍ୱାସରୂପୀ ହୀରାର ମୂଲ୍ୟାଙ୍କନ କରାଯାଇ ନ ପାରେ, ସେଥିପାଇଁ ଏହାକୁ ବିଷୟ-ଭୋଗରେ ନଷ୍ଟ କରନ୍ତୁ ନାହିଁ । ବିଷୟ-ଭୋଗ କଉଡ଼ି ସଦୃଶ ଅଟେ ଏବଂ ଅମୂଲ୍ୟ ଶ୍ୱାସ ହୀରା ଅଟେ । ଏହି ଅମୂଲ୍ୟ ଶ୍ୱାସ ବିନିମୟରେ ବିଷୟ ଉପଭୋଗରୂପୀ କଉଡ଼ିକୁ କ୍ରୟ କରନ୍ତୁ ନାହିଁ, ବରଂ ଏହି ସମସ୍ତ ଅମୂଲ୍ୟ ଶ୍ୱାସଗୁଡ଼ିକୁ ପ୍ରଭୁଙ୍କ ଚରଣରେ ସମର୍ପଣ କରି ତାଙ୍କ ଭଜନରେ ଲଗାନ୍ତୁ । ତେବେଯାଇ ଏହି ଅମୂଲ୍ୟ ଶ୍ୱାସ, ଅମୂଲ୍ୟ ପରମ ନିଧି, ପ୍ରଭୁପ୍ରାପ୍ତିରେ ଲାଗି ନିଜ ମନୋରଥକୁ ପ୍ରାପ୍ତ କରି ପାରିବେ । ଏହି ପଦରେ ବିଷୟାଦିର ବ୍ୟର୍ଥ ଉପଭୋଗ କରିବାକୁ ବାରଣ କରାଯାଇଛି । କର୍ମଯୋଗୀ ସନ୍ଥ ଅଥବା ଋଷିଧର୍ମରେ ରହୁଥିବା ଜୀବନ୍ମୁକ୍ତ ଯୋଗୀ ଆବଶ୍ୟକତାନୁସାରେ ସଂସାର-ବିଷୟକୁ ପ୍ରାପ୍ତ କରି, ପ୍ରକୃତିର ଯଶସ୍ୱୀ ଧର୍ମକୁ ପାଳନ କରିଥାଏ । ବ୍ୟର୍ଥ ବିଷୟ ଭୋଗ କରି ନ ଥାଏ । ଭୌତିକ ଇନ୍ଦ୍ରିୟମାନଙ୍କର ବ୍ୟର୍ଥ ସୁଖୋପଭୋଗ ହେବା ଉଚିତ ନୁହେଁ । ଏ ବିଷୟରେ ଏହି ପଦରେ ସଂକେତ କରାଯାଇଛି ।

**ଜହାଁ ସାଚ ବ୍ୟଓ୍ୱହାର ହୈ, କରନି ସାଚ ସ୍ୱଭାଓ୍ୱ ।**




**ଓ୍ୱହାଁ ଆପ ଓ୍ୱିଦ୍ୟମାନ ହୈଁ, ସତ୍ୟ ସତ୍ୟ ପହଁ ଆଓ୍ୱ ।।୩୮।।**

ଭାଷ୍ୟ - ଯାହାର ବ୍ୟବହାର ସତ୍ୟ ଏବଂ କର୍ତ୍ତବ୍ୟ ମଧ୍ୟ ବ୍ୟବହାର ସଦୃଶ ସତ୍ୟ ଅଟେ, ସେଠାରେ ସ୍ୱୟଂ ମହାପ୍ରଭୁ ବିରାଜମାନ କରିଥାନ୍ତି । ଅର୍ଥାତ୍ ତାଙ୍କର ସତ୍ୟ-କାମନା ପୂର୍ଣ୍ଣକରି ରକ୍ଷା କରିଥାନ୍ତି । ସତ୍ୟ ଆତ୍ମାକୁ ସତ୍ୟ ପ୍ରଭୁ ପ୍ରାପ୍ତ ହୋଇଥାନ୍ତି । ମନ, ବଚନ, କର୍ମ ଏବଂ ବ୍ୟବହାରରେ ସତ୍ୟ ଏବଂ ଯାହାର ସର୍ବ ଆଚରଣ, ରହିବା-ବସିବା ସତ୍ୟ ଅଟେ, ସେ ସ୍ଥାନରେ ପ୍ରଭୁ ବାସ କରନ୍ତି ଅର୍ଥାତ୍ ସେ ହିଁ ପ୍ରଭୁଙ୍କୁ ପ୍ରାପ୍ତି କରିପାରେ । ଯାହାର କର୍ତ୍ତବ୍ୟରେ କୌଣସି ପ୍ରକାର ଦୋଷ ଥିବ, କର୍ମ ସତ୍ୟ ନ ଥିବ, ବୃଥାଡ଼ମ୍ବର ହୋଇଥିବା ସେମିତି ବ୍ୟକ୍ତି ସତ୍ୟକୁ ପ୍ରାପ୍ତ କରି ପାରନ୍ତି ନାହିଁ ଏବଂ ସେମାନେ ଲକ୍ଷ୍ୟ ପ୍ରାପ୍ତି ମଧ୍ୟ କରି ପାରନ୍ତି ନାହିଁ । ସେଥିପାଇଁ ସେ ସତ୍ୟ-ସ୍ୱରୂପ ପ୍ରଭୁଙ୍କର ପ୍ରାପ୍ତି ନିମନ୍ତେ ନିଜର ସମସ୍ତ ଜୀବନକୁ ସତ୍ୟମୟ କରିବାକୁ ପଡ଼ିବ, ତେବେ ଯାଇ ସେ ସତ୍ୟ, ପୂର୍ଣ୍ଣ ପୁରୁଷ ଆମକୁ ପ୍ରାପ୍ତ ହେବେ । ଏହି ଦୋହାରେ ନିଜ ଜୀବନକୁ ସତ୍ୟମୟ କରିବା ପାଇଁ ଉପଦେଶ ପ୍ରଦାନ କରାଯାଇଛି ।

**ଦମ୍ଭ କପଟ ଛଲ ଝୁଠ ହୈ, ଓ୍ୱକ୍ର ଓ୍ୱିକୃତ ଓ୍ୱିଚାର ।**
**ଓ୍ୱହାଁ ଦୂର ପ୍ରଭୁ ରହତ ହୈ, ଅନଘ ଅମୋଘ ଅଚାର ।।୩୯।।**

ଭାଷ୍ୟ - ଯେଉଁଠାରେ ଛନ୍ଦ, କପଟ, ଦୂରାଚାର, ଅସତ୍ୟ ଏବଂ କୁଟିଳତାର ବିକୃତ ବ୍ୟବହାର ଦେଖାଯାଏ, ସେଠାରେ ପ୍ରଭୁ କଦାପି ରହନ୍ତି ନାହିଁ । ସେଥିପାଇଁ ସମସ୍ତ ମନ୍ଦ ସଂସ୍କାର, ପାପ, ବାସାନାଦି ଶୂନ୍ୟ ହୋଇ ଯିଏ ପ୍ରଭୁଙ୍କର ଉପାସନା କରେ ତାହାର ଲକ୍ଷ୍ୟ କଦାପି ବ୍ୟର୍ଥ ଯାଏ ନାହିଁ । ସେ ନିଜ ସତ୍ୟ ବ୍ୟବହାର ‘ଳରେ ସେହି ପରମପ୍ରଭୁଙ୍କୁ ନିଶ୍ଚୟ ପ୍ରାପ୍ତ କରି ଜୀବନକୁ ସ‘ଳ କରିଥାଏ । ସେଥିପାଇଁ ଆଧ୍ୟାତ୍ମ୍ୟ ପଥାନୁରାଗୀଙ୍କୁ ଆବଶ୍ୟକ ଯେ ସମସ୍ତ ଦୁର୍ଗୁଣାଦିକୁ ତ୍ୟାଗ କରି ସତ୍ୟ ମାର୍ଗରେ ପରିଚାଳିତ ହୋଇ ପ୍ରଭୁଙ୍କ ଶରଣରେ ଆସନ୍ତୁ । ତେବେ ପ୍ରଭୁ ପ୍ରାପ୍ତି ନିଶ୍ଚୟ ହୋଇପାରିବ । ସତ୍ ପଥର ପଥିକ ହିଁ ପ୍ରଭୁଙ୍କୁ ଲାଭ କରିଥାଏ । ମନ, ହୃଦୟ ଏବଂ ବାଣୀରେ ଯାହାର ବ୍ୟବହାର ଏକ ଏବଂ ଅଭିନ୍ନ ସେ ହିଁ ସତ୍ୟ ଅଟେ । ହୃଦୟ ଭିତରେ କିଛି ଏବଂ ବାଣୀରେ ଅନ୍ୟ କିଛି ଏବଂ ଆଚରଣ ତାହାଠୁଁ ଭିନ୍ନ ହେଲେ ଏଭଳି ବ୍ୟବହାରକୁ ଅସତ୍ୟ, କପଟଯୁକ୍ତ ଏବଂ ପାଖଣ୍ଡି ବୋଲି କୁହାଯାଏ । ଅତଏବ, ମିଥ୍ୟା, ଛଳନା ଏବଂ ପାଖଣ୍ଡଙ୍କ ଠାରୁ ପ୍ରଭୁ ଦୂରରେ ରହନ୍ତି । ସେ ନିଜର ସଚ୍ଚୋଟ ଭକ୍ତଙ୍କୁ ନିଜକୁ ଉପଲବ୍ଧ କରାଇ ସେମାନଙ୍କୁ ପରମାନନ୍ଦ ପ୍ରଦାନ କରି କୃତକୃତ୍ୟ କରନ୍ତି ।

**ସନ୍ତ ଚାଲ ସାଚୀ ରହେ, ଝୁଠ ନ କଛୁ ବ୍ୟଓ୍ୱହାର ।**
**ସନ୍ତ ମନୀଷୀ ଅଗୁଣ ବନ, ନିର୍ଗୁଣ ନାମ ସମ୍ଭାର ।।୪୦।।**

ଭାଷ୍ୟ - ସନ୍ଥର ସମସ୍ତ ବ୍ୟବହାର, ସାଧନା ଏବଂ ଅଭ୍ୟାସ ସତ୍ୟ ରହିବ ଏବଂ ଅସତ୍ୟ ବ୍ୟବହାରର ନିତାନ୍ତ ଅଭାବ ରହିବ ତେବେ ମେଧାବୀ ସନ୍ଥ ଦୋଷ ଏବଂ ଦୁର୍ଗୁଣ ଶୂନ୍ୟ ପୂର୍ବକ ଜଡ଼ ଜଗତକୁ ଅତିକ୍ରମ କରି ନିର୍ଗୁଣ ନାମ ଅନିର୍ବାଚ୍ୟ ତତ୍ତ୍ୱର ଉପାସନା କରିପାରିବେ । ସମସ୍ତ ଦୋଷ-ଦୁର୍ଗୁଣ ଶୂନ୍ୟ ହୋଇ ଶୁଦ୍ଧ ହୃଦୟରେ ହିଁ ପ୍ରଭୁଙ୍କର ଉପାସନା ହୋଇଥାଏ ଅନ୍ୟଥା ବାହ୍ୟ ଛଳନାରେ ପ୍ରଭୁ ପ୍ରାପ୍ତିର ସାଧନା ସଫଳ ହୋଇ ନ ଥାଏ ।

**ପୁରୁଷ ଡୋର ଅତି ସୁକ୍ଷ୍ମ ହୈ, ଝୀନା ସେ ଅତି ଝୀନ ।**
**ସୁରତି ନିରତି ରତ ଗମ କରେ, ସାଧକ ସନ୍ତ ପ୍ରଓ୍ୱୀନ ।।୪୧।।**

ଭାଷ୍ୟ - ବିହଙ୍ଗମ ଡୋରି ଅତି ସୂକ୍ଷ୍ମ ଅଟେ ଅର୍ଥାତ୍ ସୂକ୍ଷ୍ମରୁ ସୂକ୍ଷ୍ମ ଅତ୍ୟନ୍ତ ସୂକ୍ଷ୍ମାନ୍ତର ଅଟେ । ଯେତେବେଳେ ସୁରତି ନିରତି ସହିତ ମିଳନ ହୋଇ ଗୁରୁଗମ୍ୟରେ ପ୍ରବେଶ କରେ ସେତେବେଳେ ସେହି ସାଧନାରତ ପ୍ରବୀଣ ସନ୍ଥକୁ ଶବ୍ଦବ୍ରହ୍ମଙ୍କର ଅନୁଭବ ଏବଂ ଆନନ୍ଦ ପ୍ରାପ୍ତି ହୋଇଥାଏ ।

**ମକର ତାର ଦିଓ୍ୱ ଲୋକ ମେଁ, ମଣ୍ଡଳ ଅନ୍ତ ପ୍ରୟନ୍ତ ।**
**ଅମୃତ ସାଗର ମୁଖ ଲଗୀ, ସମଝେଁ ଭେଦିକ ସନ୍ତ ।।୪୨।।**

ଭାଷ୍ୟ - ମକର ତାର ଅକ୍ଷର ମଣ୍ଡଳର ଶେଷ ପର୍ଯ୍ୟନ୍ତ ପ୍ରଲମ୍ବିତ ହୋଇଛି ଏବଂ ଶବ୍ଦାମୃତ ଅନନ୍ତ ମହାସାଗରର ସ୍ରୋତ ଯେଉଁଠାରୁ ପ୍ରବାହିତ ହେଉଅଛି ତାହାର ମୁଖରେ ଲାଗିଛି । ଏହି ଅନୁଭବ ରହସ୍ୟ ଆଭ୍ୟନ୍ତର ସାଧନାର ମର୍ମକୁ ସଦ୍‌ଗୁରୁ ଭେଦର ତତ୍ତ୍ୱଜ୍ଞାନୀ ସନ୍ଥ ବୁଝିପାରିବେ । ଏହି ବ୍ରହ୍ମବିଦ୍ୟାର ଅନୁଭବ ତତ୍ତ୍ୱଜ୍ଞାନ ପରମ ଗୋପନୀୟ ତଥା ସର୍ବଶ୍ରେଷ୍ଠ ଅଟେ । ଏହି ଅନୁଭବ ରହସ୍ୟକୁ ଯୋଗୀ ସମାଧିସ୍ଥ ହୋଇ ଜାଣି ପାରିବେ ଯାହାଙ୍କ ପାଖରେ ଏହି ଭେଦ ରହସ୍ୟର ପୂର୍ଣ୍ଣବୋଧ ତଥା ଅନୁଭବ ରହିଛି ।

## ଆଜିର ଚିନ୍ତନ

ଉପାସନା ବା ଭକ୍ତିର ପରମ ମହିମା ରହିଛି । ଭକ୍ତି ଦ୍ୱାରା ଜୀବର ଉଦ୍ଧାର ହୋଇ ଯାଇଥାଏ । ଶ୍ରୀମଦ୍ ଭଗବତର ଶ୍ରବଣ, ରାମାୟଣର ପଠନ, ମନ୍ଦିର, ନିର୍ମାଣ ମୂର୍ତ୍ତି ପୂଜନ, ତୀର୍ଥଯାତ୍ରା ଆଦି ସମସ୍ତ ଭକ୍ତିର ଅଙ୍ଗ । ଏ ସମସ୍ତ କାର୍ଯ୍ୟ ଅଶେଷ ଧୈର୍ଯ୍ୟ, ଦ୍ରବ୍ୟ - ବ୍ୟୟ ସଂଯମ ଏବଂ ଶ୍ରମରେ ସମ୍ପନ୍ନ ହୋଇଥାଏ । ଯେତେବେଳେ ଜୀବ ଭଗବତ୍ ପ୍ରାପ୍ତି ପାଇଁ ଭକ୍ତିର ମଧ ଅବଲମ୍ବନ ନେଇ ପାରି ନ ଥାଏ, ସେତେବେଳେ ସେ ନିରୂପାୟ ହୋଇ ନିଜକୁ ସବୁ ପ୍ରକାରେ ଅଶକ୍ତ ଭାବି ଭଗବାନଙ୍କୁ ହିଁ ଉପାୟ ରୂପରେ ବରଣ କରିଥାଏ । ଜୀବର ଏହି ପ୍ରବୃତ୍ତିକୁ ପ୍ରପତ୍ତି କୁହାଯାଏ । ଜୀବ ଭଗବାନଙ୍କ ପାଖରେ ପ୍ରପନ୍ନ ବା ଶରଣାଗତ ହୋଇ ଯାଇଥାଏ । ଯାହା ଘଟିଥିଲା, କୁରୁଜାଙ୍ଗଲରେ ମହାଭାରତ ଯୁଦ୍ଧାରମ୍ଭରେ ଅର୍ଜୁନଙ୍କ କ୍ଷେତ୍ରରେ । ସେଥିପାଇଁ ସେ ଶ୍ରୀକୃଷ୍ଣଙ୍କ ପାଖରେ ନତନମ୍ର ହୋଇ କହି ଉଠିଥିଲେ । କାପୁରୁଷତା ରୂପକ ଦୋଷରେ ନଷ୍ଟ ସ୍ୱଭାବ ତଥା ଧର୍ମ ବିଷୟରେ ମୋହିତ ଚିତ୍ତ ହୋଇଥିବା ମୁଁ ଆପଣଙ୍କୁ ପଚାରୁଛି, ମୋ ପକ୍ଷରେ କ'ଣ କରିବା ନିଶ୍ଚିତ କଲ୍ୟାଣକର, ତାହା ମୋତେ କୁହନ୍ତୁ କାରଣ ମୁଁ ଆପଣଙ୍କର ଶିଷ୍ୟ, ମୋତେ ଶରଣାଗତକୁ ଆପଣ ଉପଦେଶ ଦିଅନ୍ତୁ । ତା' ପରେ ଶ୍ରୀକୃଷ୍ଣ ତାଙ୍କର ଗୀତୋପଦେଶ ପ୍ରଦାନ କରି ଶରଣାଗତ ଅର୍ଜୁନଙ୍କୁ 'ଯୁଦ୍ଧାୟ କୃତ ନିଶ୍ଚିତ' କରି ଦେଇଛନ୍ତି । ଏ ଦୃଷ୍ଟିରୁ କେତେ ସାଧୁ ସନ୍ଥ ଗୀତାକୁ ପ୍ରପତ୍ତି ପ୍ରପନ୍ନ, ଶରଣାଗତିର ଶ୍ରେଷ୍ଠ ଗ୍ରନ୍ଥ ମାନି ନେଇଛନ୍ତି । ଏ ପରିପ୍ରେକ୍ଷୀରେ ଶ୍ରୀକୃଷ୍ଣଙ୍କୁ ଶାଶ୍ୱତ ପାର୍ଥ ସାରଥି ଆଖ୍ୟାୟିତ କରାଯାଇଛି । ଶରଣାଗତି ବା ପ୍ରପତ୍ତି ହେଉଛି ସର୍ବ ସାଧନ ସାର । ଏ ଦୃଷ୍ଟିରୁ ଲକ୍ଷ୍ମୀତନ୍ତ୍ରରେ କୁହାଯାଇଛି, ସବୁ କିଛି ଛାଡ଼ି ଦେଇ ଶ୍ରୀ ଭଗବାନଙ୍କ ଚରଣ କମଳରେ ଆଶ୍ରୟ କରିବା ଶରଣାଗତି । ଆଉ ଏକ ପ୍ରକାର ଶରଣାଗତି ହେଉଛି, ସଂସାର ଯୁଦ୍ଧରେ ଯୋଦ୍ଧା ସାଜି କର୍ମ କରି ଚାଲିବ କିନ୍ତୁ ଈଶ୍ୱରଙ୍କୁ ସ୍ମରଣ ରଖି କର୍ମ କରିବ, ଯାହା ଶ୍ରୀକୃଷ୍ଣଙ୍କୁ ଅର୍ଜୁନଙ୍କୁ ଉପଦେଶ ଦେଇଛନ୍ତି, ମାମନୁସ୍ମର ଯୁଦ୍ଧ ଚ' ଏହା ମଧ ଶରଣାଗତି । ସମସ୍ତ ବେଦର ସାର ଉପନିଷଦର ସାର ଗୀତା ତଥା ଗୀତାର ସାର ଶରଣାଗତି । ଅର୍ଜୁନଙ୍କୁ ମାଧମ କରି ଶ୍ରୀକୃଷ୍ଣ ସାର ସଂସାରକୁ ଏହି ଶରଣାଗତି ଉପଦେଶ ଦେଇଛନ୍ତି । ଶେଷକୁ ଅକାଟ୍ୟ ସିଦ୍ଧାନ୍ତ କହି ଦେଇଛନ୍ତି । ସର୍ବ ଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ' ମାଂ ଶରଣଂ ବ୍ରଜ' କହି ଦେଇଥିଲେ ଚଳିଥାନ୍ତା କିନ୍ତୁ ଶରଣାଗତି ଉପରେ ଜୋର ଦେଇ 'ମାଂ ଏକଂ ଏକଂ' ଶବ୍ଦ ପ୍ରୟୋଗ କରିଛନ୍ତି । ଆଉ କାହାର ନୁହେଁ ମୋର କେବଳ ମୋର ।

# ମାଣବସା ଗୁରୁବାର

ସାଧାରଣ ମାର୍ଗଶୀର ମାସଟି 'ମୃଗଶୀରା' ନକ୍ଷତ୍ରାନୁସାରେ ନାମିତ ହୋଇଛି । ଏହି ମାସରେ ପ୍ରଥମାଷ୍ଟମୀ, ଓଡଣୀଷଷ୍ଠୀ, କାଞ୍ଜିଅଳା ନବମୀ ଏବଂ ମାଣବସା ଗୁରୁବାର ପଡେ । ମାଣବସା ଗୁରୁବାରରେ 'ମହାଲକ୍ଷ୍ମୀ ପୂଜା' ହୁଏ । କୁହାଯାଏ ଯେ ବାରମାସରେ ମାର୍ଗଶୀର ଶ୍ରେଷ୍ଠ ଅଟେ 'ମାସାନାଂ ମାର୍ଗଶୀର୍ଷୋହେଂ ।' ଗୁରୁବାରଦିନ ମହାଲକ୍ଷ୍ମୀ ବ୍ରତ ସାଧାରଣତଃ ମାର୍ଗଶୀର ମାଘ, ବୈଶାଖ ଏବଂ ଆଷାଢ଼ମାସରେ ପାଳନ କରାଯାଏ । କିନ୍ତୁ ମାଣବସା ଗୁରୁବାର କହିଲେ, ମାର୍ଗଶୀର ମାସର ଶେଷ ଗୁରୁବାର ଅର୍ଥାତ୍ ପୂର୍ଣ୍ଣିମା ପୂର୍ବ ଗୁରୁବାରକୁ ବୁଝାଏ । ଏହା ଧାନ ଅମଳବେଳା ଗୁରୁବାର ।

ପୂର୍ବଦିନ ଅର୍ଥାତ୍ ବୁଧବାର ରାତିରୁ ଗୃହିଣୀମାନେ ଅରୁଆ ଚାଉଳ ପିଠଉର ଚିତାରେ ଦାଣ୍ଡ ଦୁଆର ମୁହଁରୁ ମାଣପୂଜା ଘରଯାଏଁ ଲକ୍ଷ୍ମୀଙ୍କର ଆଗମନ ସୂଚକ ଚିତା ପକାନ୍ତି । ଏ ଚିତା ଲକ୍ଷ୍ମୀଙ୍କ ପାଦର ଚିହ୍ନ । ଘରଦ୍ୱାର, ବାରଣ୍ଡା, ଅଗଣା ଏବଂ ବାରି କଳେଇ ଗଦାଯାଏଁ ଗୋବରରେ ଲିପାଯାଏ । ଏଥିରେ ଧାନ ଶିଷାରଚିତା ପକାଯାଏ । ଏଥିରେ ଅନ୍ୟ ଚିତା ପଡେ ନାହିଁ । ଏହି ସମୟରେ ଗାଁ ଦାଣ୍ଡରେ କଳେଇ ବୁହାଯାଇ ଖଳାକୁ ଅଣାଯାଏ । ଏହାକୁ ଲକ୍ଷ୍ମୀଙ୍କର ବିଜେ ବୋଲି ସ୍ୱାଗତ କରି ଦାଣ୍ଡରେ ତାଙ୍କୁ ପୂଜା କରାଯାଏ । ଏହାକୁ ଦାଣ୍ଡ ପହଁରା ଓଷା କହନ୍ତି ।

ଶେଷ ଗୁରୁବାରଟି ସ୍ୱତନ୍ତ୍ର । ଏହିଦିନ ମାଣପୂଜା ଅର୍ଥାତ୍ ଲକ୍ଷ୍ମୀ ପୂଜା କରାଯାଏ । ପୂର୍ବବତ୍ ସେହିଦିନ ସକାଳୁ ଗୃହ ଏବଂ ଅଗଣା ଇତ୍ୟାଦି ଗୋବରରେ ଲିପାଯାଏ । ସବୁଆଡ ଅର୍ଥାତ୍ ପରିବେଶର ଶୁଦ୍ଧ ଏବଂ ପବିତ୍ରତା ରଖାଯାଏ । ନୂଆ ବେତ ଟୋକେଇ ଓ ଗୌଣିରେ ଶୁକ୍ଳଧାନ ପୂର୍ଣ୍ଣ କରାଯାଏ । ଶୁକ୍ଳଧାନର ମେଣ୍ଢାକୁ ବେଣୀଦ୍ୱାରା ମଣ୍ଡିତ କରି ଖଟୁଲି ଥାପେ, ଛୋଟ ମାଣରେ ବିରି ଭରି ରଖେ, ଓଡ଼ିଆ ହିନ୍ଦୁ ଗୃହିଣୀ । ଛିଟାକନାରେ ଖଟୁଲିକୁ ବୋହୁ ରୂପରେ ଘୋଡ଼ାଇ ଦିଏ । ଏକ ସୁନାର ଅଳଙ୍କାରକୁ ଲକ୍ଷ୍ମୀ ମନେ କରି ସେ ଖଟୁଲିକୁ ପିନ୍ଧାଇ ଦିଏ । ଫଳଲଗା ଅଁଳା, ଫଳଲଗା କଣ୍ଟେଇ କୋଳି ଡାଳ, ମୂଳାଗଛ, ଆଖୁ ଗଣ୍ଡିରା, ସୋରିଷ ଫୁଲ ଓ ଗେଣ୍ଡୁଫୁଲ ଦେଇ ମାଣକୁ ସଜାଏ ସିନ୍ଦୁର ଓ ଚନ୍ଦନ ତହିଁରେ ଲଗାଏ । ଧୂପଦୀପରେ ବନ୍ଦନା କରେ । ଛେନା, ଗୁଡ, ମଣ୍ଡାପିଠା, କାକରା, ବିରିବରା, ବିରି ଲଡୁ, ଖିରୀ ଓ ଚକୁଳି ପିଠା ଦେଇ ଭୋଗ କରେ । ଏହାପରେ ପରିବାରର ସମସ୍ତ ସଦସ୍ୟ ଲକ୍ଷ୍ମୀଙ୍କୁ ମୁଣ୍ଡିଆମାରି ପ୍ରସାଦ ପାଆନ୍ତି । ଏ ଭୋଗ ପଡୋଶୀ ବା ବିବାହିତ ଝିଅମାନେ ପାଆନ୍ତି ନାହିଁ । ଏ ଭୋଗକୁ ଲାଗି କହନ୍ତି ।

ଏହି ପୂଜାରେ ବଳରାମ ଦାସଙ୍କ ରଚିତ ଲକ୍ଷ୍ମୀପୁରାଣ ପଢ଼ାଯାଏ । ଧୂପ ଓ ଦୀପ ଦେଇ ମା'ଙ୍କର ପୂଜା କରାଯାଏ । ମାଣଧାନକୁ ତୋଳି ମାଣ ବଣାରେ ରଖାଯାଏ । ମାଣ ପାହିଲି, ଖଟୁଲି ଓ ଛିଟକନା ଏକତ୍ର ରଖାଯାଏ । କେହି କେହି ସେହି ଦିନ ବସାଇ ମାଣ ଉଜାଇଁ ଦିଅନ୍ତି । ଆଉ କେହି ମାଘ ମାସ ଶେଷ ଗୁରୁବାରେ ଉଜାନ୍ତି । କେହି ବି ମାର୍ଗଶୀର ଶେଷ ପାଳିରେ ମାଣ ବସାଇ ପୌଷର ପ୍ରଥମ ଗୁରୁବାରେ ଉଜାନ୍ତି । ଉଜୁଆଁ ଧାନକୁ ଚାଉଳକରି ଖିରି କରାଯାଏ । ଏହା ପରିବାର ଛଡ଼ା ଅନ୍ୟ କେହି ପାଆନ୍ତି ନାହିଁ । ଲକ୍ଷ୍ମୀପୂଜା ଓଡ଼ିଶାର ଏକ କୃଷି ସଂପର୍କିତ ପୂଜା । ଏଣୁ ଧାନ ଅମଳ ବେଳେ ପ୍ରଥମେ ମାଣଧାନକୁ ପୂଜା କରାଯାଏ । ମାଣବସା ଗୁରୁବାର ନେଇ ରାଧାମୋହନ ଗଡ଼ନାୟକ କୁହନ୍ତି : ଖଳାରେ ଖଳାରେ କଳେଇ ଗଦାର ସୁଷମା, ସକଳ ନୟନେ ଦିଶୁଛି ଅତୁଳା ଅସମା ।

ପିଠଉର ଝୋଟି ମେଲି ପାଖେ ଲେଖି ସରସେ, ପଲ୍ଲୀ ଘରଣୀ ଲକ୍ଷ୍ମୀ ପୂଜାର ହରଷେ ।

ସ୍ୱାଗତ ଲକ୍ଷ୍ମୀ ପୌଷ ଘରେ ଘରେ ତୁମେ ଆଣିଛ ଅନ୍ନ, ଆୟୁଷ ସ୍ୱାଗତ ଲକ୍ଷ୍ମୀ ପଉସ ।

ମାଣବସା ଓଡ଼ିଶାରୁ ଉତ୍ପତ୍ତି । ଓଡ଼ିଶାରେ ତାର ପୂଜାବିଶ୍ୱାସ ଏହା ସାଧବ ପରିବାରରୁ ଉତ୍ପତ୍ତି ନେଇଛି । କିମ୍ବଦନ୍ତୀରୁ ମିଳେ ଯେ କଳିଙ୍ଗର ଏକ ନଗରରେ ଚିତ୍ରକେତୁ ନାମକ ଏକ ଧନୀ ସାଧକ ଥିଲେ । ତାଙ୍କର ଶ୍ୟାମାନାମ୍ନୀ ଏକ କନ୍ୟା ପ୍ରଥମେ ମାଣବସା ବ୍ରତ କରି ଲକ୍ଷ୍ମୀଙ୍କୁ ପୂଜା କରୁଥିଲେ ।

ଭକ୍ତକବି ବଳରାମ ଦାସ ମହାପ୍ରଭୁ ଜଗନ୍ନାଥଙ୍କର ଚରିତ୍ର ଓ ଚରିତ ବର୍ଣ୍ଣନା କରି ଏହି ଲକ୍ଷ୍ମୀପୁରାଣ ନାମକ ଅଭିନବ ଗ୍ରନ୍ଥ ରଚନା କରିଛନ୍ତି । ଏହା ସମାଜରେ ପ୍ରଚଳିତ ଦୁଇ ଘୃଣ୍ୟ ଏବଂ ନିନ୍ଦନୀୟ ପ୍ରଥା : ନାରୀ ଦୁର୍ଦ୍ଦଶା ଏବଂ ଛୁଆଁ, ଅଛୁଆଁ ବିରୁଦ୍ଧରେ ଏକ ସଂଗ୍ରାମ ନିମନ୍ତେ ଅଭିଯାନ । ନାରୀକୁ ସମ୍ମାନ ଦିଅ । ସମାଜରୁ ଛୁଆଁ ଅଛୁଆଁର ଜାତିଭେଦ ଉଠୁ । ଏହା ହିଁ ଏହାର ସ୍ଲୋଗାନ । ଏହାକୁ ଆଧାର କରି ଲକ୍ଷ୍ମୀପୁରାଣର କାହାଣୀଟି ଏହିପରି ବର୍ଣ୍ଣିତ ହୋଇଛି : ମାଣବସା ଗୁରୁବାର ଦିନ ମା' ଲକ୍ଷ୍ମୀ ପ୍ରାତଃ କାଳରୁ ମନ୍ଦିର ଛାଡ଼ି ନଗରରେ ପହଞ୍ଚନ୍ତି । ସେ ପ୍ରତି ଘର ବୁଲି ତାଙ୍କ ପୂଜା ଦେଖୁଛନ୍ତି । ଶେଷରେ ସେ ଶ୍ରୀୟା ଚଣ୍ଡାଳୁଣି ପୂଜା ଓ ଭକ୍ତିରେ ପ୍ରୀତ ହୋଇ ତାକୁ ବର ଯାଚିଛନ୍ତି ।

'ପୁଲକ ଭରେ ଲକ୍ଷ୍ମୀ ଦେବୀ ବୋଇଲେ ଆଲୋ ଶ୍ରିୟା/ ମୋହରି ପୂଜା କରିବା ପାଇଁ ତୋହାର ଅଛି ହିୟା/ ଆଶିଷ ଏବେ ଦେଉଛି ମୁହିଁ, ସକାଳ ଶ୍ରୀ ଲଭିବୁ ତୁହି/ ସୁଖରେ ଘର ଦୁଆର କରି ରହିବୁ ମହାସୁଖେ ।

ଶ୍ରୀୟା ଚଣ୍ଡାଳୁଣୀ, ଶାମୁକାର ସ୍ୱପ୍ନ

ଏହି ସମୟରେ ବଳରାମ ଓ ପ୍ରଭୁ ଜଗନ୍ନାଥ ମୃଗୟାରୁ ସେହି ପଥଦେଇ ଫେରିଲା ବେଳେ ତାଙ୍କୁ ଦେଖିଥିଲେ । ଏଣୁ ମନ୍ଦିର ବାହୁଡ଼ନ୍ତେ ବଳରାମ ଜଗନ୍ନାଥଙ୍କୁ କହିଲେ, ଲକ୍ଷ୍ମୀ ଅଛବ ଘରେ ବିଜେ କରିଥିଲା । ସେ ଜାତିଅଜାତି ନ ମାନି ଯେଣେ ତେଣେ ପଶିଯାଉଛି ଏବଂ ଏପଟେ ଆସି ଶ୍ରୀମନ୍ଦିରକୁ ମଙ୍ଗୁଳି ଚାଲିଛି । ଲକ୍ଷ୍ମୀଙ୍କୁ କ୍ଷମା ନାହିଁ । ତାକୁ ମନ୍ଦିର ପ୍ରବେଶ ନିଷେଧ କରେ । ଜଗନ୍ନାଥ ସେହି କଥା ଲକ୍ଷ୍ମୀଙ୍କୁ ଶୁଣାଇ ଦେଲେ । ଲକ୍ଷ୍ମୀ ଏ ନେଇ ଜଗନ୍ନାଥ ଓ ବଳରାମଙ୍କ ସହିତ ତାଙ୍କ ପୂର୍ବ ଜନ୍ମର ଚରିତକୁ ବାଖ୍ୟା କରି ଜାତିଅଜାତିର ସଂଜ୍ଞା ବୁଝାଇଦେଲେ । ପୁନଶ୍ଚ ଅନୁନୟ ଓ ବିନୟ କଲେ । ତଥାପି ତାଙ୍କ ଯୁକ୍ତିକୁ ଗ୍ରହଣ କରାଗଲା ନାହିଁ । ତାଙ୍କୁ ମନ୍ଦିରରୁ ବିଦାୟୀ କରାଗଲା । ଏଣୁ ଲକ୍ଷ୍ମୀ ଅଭିଶାପ ଦେଲେ ।

ଯେବେ ଚନ୍ଦ୍ର ସୂର୍ଯ୍ୟ ହୁଅନ୍ତି ଆତଯାତ/ ବୁଲିବୁଲି ମୁଠେ ତୁମେ ନପାଇବ ଭାତ ଭିକ ମାଗିଲେ ତୁମ୍ଭଙ୍କୁ ଭିକ ନ ମିଳିବ/ ରଙ୍କପରି ବୁଲିବୁଲି ଦରିଦ୍ର ହୋଇବ/ ମୁଁ ଚଣ୍ଡାଳୁଣି ଯେବେ ତୋଳି ଦେବି ଭାତ/ ତେବେ ସେ ଭୁଞ୍ଜିବ ହେ, ତ୍ରୈଲୋକର ନାଥ ।

ଏହି ପଂକ୍ତି ଗୁଡିକରେ ମହାଲକ୍ଷ୍ମୀଙ୍କର ଅନ୍ତରାଳରେ ଉତ୍କଳୀୟ ନାରୀର ମନୋଭାବନା ଫୁଟାଇ କବି ବଳରାମ ଦାସ, ତତକାଳୀନ ସମାଜର ଏକ ବିଦ୍ରୋହ ବହ୍ନିର ପ୍ରଜ୍ୱଳନ କରିଛନ୍ତି ।

ଏହାପରେ ମହାଲକ୍ଷ୍ମୀ ବିଶ୍ୱକର୍ମାଙ୍କୁ ନିର୍ଦ୍ଦେଶ ଦେଇ ଏକ ସ୍ୱତନ୍ତ୍ର ସୁରମ୍ୟ ନବର ସମୁଦ୍ର କୂଳରେ ପ୍ରତିଷ୍ଠା କରି ରହିଛନ୍ତି । ବେତାଳମାନଙ୍କୁ ନିର୍ଦ୍ଦେଶ ଦେଇ ଶ୍ରୀ ମନ୍ଦିରକୁ ଶୂନ୍ୟ କରି ଦେଇଛନ୍ତି । ଦୁଇ ଭାଇ ଲକ୍ଷ୍ମୀଛଡ଼ା ହୁଅନ୍ତେ, ଦାସ ଦାସ, ପଣ୍ଡା, ପଢ଼ିହାରୀ ଏବଂ ଅନ୍ୟମାନେ ପ୍ରଭୁଙ୍କର ସେବା ବନ୍ଦ କରିଦେଲେ । ଶେଷକୁ ବଳରାମ ଓ ଜଗନ୍ନାଥ ପଥର ଭିକାରୀ ପାଲଟିଗଲେ । ଅନ୍ନଜଳ କିଛି ମିଳିଲା ନାହିଁ । ପାଇବା ପଦାର୍ଥ ଉଭାନ ହେଲା । ପରିଶେଷରେ ଭୋକିଲା ଦୁଇଭାଇ ଲକ୍ଷ୍ମୀଙ୍କ ନଗରରେ ପହଞ୍ଚିଲେ । ତଥାପି ଜାତିର ଘୃଣ୍ୟମାନ୍ୟତା ମନରୁ ଯାଇ ନାହିଁ । ରୋଷେଇ କରି ଖାଇବେ ବୋଲି କହିଲେ । ତାଙ୍କୁ ସବୁ ଯୋଗାଇ ଦିଆଗଲା ଅଥଚ ଚୁଲି ଜଳିଲା ନାହିଁ । ଏବେ ପାଟିରୁ ଫିଟିଲା 'ଜାତି ପଛେ ଯାଉ, ତା'ର ଘରେ ଖାଉ ଭାତ । ଏଥର ଲକ୍ଷ୍ମୀ ନିଜେ ତାଙ୍କୁ ଅଭ୍ୟର୍ଥନା କଲେ । ସେମାନଙ୍କର ଚିହ୍ନା ପରିଚୟ ହେଲା । ଦୁଇଭାଇ ତାଙ୍କୁ ମନ୍ଦିରକୁ ଫେରିବାକୁ ଅନୁରୋଧ କଲେ । ଏଥିକୁ ଲକ୍ଷ୍ମୀ ଅଭିମାନ କରି କହିଲେ, 'କମଳିନୀ ବୋଲୁଛନ୍ତି ଆଉ କାହିଁ ପାଇଁ/ ଯେତେବେଳେ ତୁମେ ମୋତେ ଦେଲ ଘଉଡାଇ/ ଏବେ ମୁଁ ଯେ ନ ଅସଜ ବିଜେ କର ତୁମେ/ ଗୋବିନ୍ଦ ବୋଇଲେ, ଦୋଷ କରିଅଛୁ ଆମ୍ଭେ । ଏଥିକୁ ମହାଲକ୍ଷ୍ମୀ ଉତ୍ତରିଲେ । ପ୍ରଭୁ ହେ ତୁମ୍ଭଆଦେଶ ପାଇ' ଦେଉଳ ଛାଡ଼ିଥିଲି/ ପୁଣି ଏ ତୁମ ଆଦେଶ ପାଇ ଯିବି ମୁଁ ଯିବି ଫେରି ।

ମାତର ଦେବ ଗୋଟିଏ ଅଳି କୁହତ ଏବେ ବିଚାର କରି/ ସେ ଯେଉଁ ପୂଜାରେ ମୋତେ ଘରକୁ ନେଲା ଟାଣି/ ତାହାର କଥା କ'ଣ ଭଲା ବୁଝୁଛ ମହାମାନୀ । ଉତ୍ତରରେ ପ୍ରଭୁ ଜଗନ୍ନାଥ କହିଲେ । ଶ୍ରୀୟାର କରେ ତୁମେ ତ ଦାନ ଦେଇଛ ଭରପୁର/ ଶ୍ରୀୟାର ଯୋଗେ ଉଦ୍ଧରିବେ ଏବେ ତା ଜାତିକୂଳ/ ଏଣିକି ଆମେ ଦେଉଳେ ଜାଣ ସଭିଏଁ ହେବେ ଏକଇ ପ୍ରାଣ/ ଦେଉଳେ ଥିଲା ଯେ ଭେଦଭାବ ଏଥର ହେଲା ରଦ୍ଦ/ ଚଣ୍ଡାଳର ହାତରୁ ଦ୍ୱିଜ, ଖାଇବେ ମହାରଦା ।

ଶ୍ରୀୟା ଚ ଚଣ୍ଡାଳୁଣୀ : ଶାମୁକାର ସ୍ୱପ୍ନ ତେବେ ଏତିକି ନୁହେଁ, ଶ୍ରୀ ମନ୍ଦିରରୁ ଛୁଆଁ, ଅଛୁଆଁ ଦୂର କରିବା ସଙ୍ଗେ ସଙ୍ଗେ ସମାଜର ଗୃହିଣୀମାନଙ୍କ ମଧ୍ୟରେ ଆଶ୍ୱାସନା ବାଣୀ ଶୁଣାଇବା ଥିଲା, ବଳରାମ ଦାସଙ୍କ ଉଦ୍ଦେଶ୍ୟ । 'ନାରୀ ଜାଗରଣ' ତଥା 'ଅସ୍ପୃଶ୍ୟତା ନିବାରଣ' ଏ ଦୁଇଟି ବିଷୟରେ ଆମେ ଗୁରୁତ ଦେଉଥିବା ବେଳେ, ଓଡ଼ିଶାର ଗଣକବି ବଳରାମ ଦାସ ଆଜକୁ ଦୀର୍ଘ ୪୦୦ ବର୍ଷ ପୂର୍ବରୁ ଏ ସମ୍ପର୍କରେ ପୁସ୍ତକ ରଚନା କରି ସଂଗ୍ରାମ କରିବା ସହ ଜନ ଜାଗରଣ ଏବଂ ସାମାଜିକ ଚେତନା ସୃଷ୍ଟି କରିପାରିଥିଲେ, ତେବେ ଦୁଃଖ ଯେ ସଂପ୍ରତିକ ରାଜନୀତିରେ ଏ ଜାତି ରାଜନୀତି ଖୁବ୍ ଜୋରଦାର । ଏ ଆଉ ଜାତିଭେଦ ଦୂର ହେବ କିପରି ?

ଏବେବି ଆମେ ଅନ୍ଧତ୍ୱ ଏବଂ କୁସଂସ୍କାର ଭିତରେ ବୁଡ଼ି ରହିଛୁ । ଆମେ ଏ ମଣିଷ ଜାତିକୁ ଶତଧା ବିଭକ୍ତ କରି ଦୂରେଇ ଚାଲିଛୁ ।

ଏ ଦୃଷ୍ଟିରୁ ବିଚାର କଲେ ଲକ୍ଷ୍ମୀପୂଜ ଏବଂ ଲକ୍ଷ୍ମୀ ପୁରାଣର ମାନେ କିଛି ନାହିଁ । ତେବେ ଯାହାହେଉ ଶ୍ରୀ ଜଗନ୍ନାଥଙ୍କ ସାହିତ୍ୟ ଭଣ୍ଡାରରେ ଲକ୍ଷ୍ମୀପୁରାଣ ଟି ବଳରାମ ଦାସଙ୍କର ଏକ ମହାର୍ଘ୍ୟ ରତ୍ନ । ଏ ରତ୍ନକୁ ଠିକ୍ ବୁଝିପାରିଲେ ବୋଧହୁଏ ଆମ୍ଭମାନଙ୍କ ମଧ୍ୟରେ ଥିବା ପାରସ୍ପରିକ ଦୂରତ୍ୱ ଅପସରି ଯିବ ।

## ଟିକିଏ ହସନ୍ତୁ



ମଣ୍ଟୁ ଚିଣ୍ଟୁକୁ: ଆତ୍ମହତ୍ୟା କେତେ ପ୍ରକାରର ତୁ ଜାଣିଛୁ ?
ଚିଣ୍ଟୁ: ହଁ, ଦୁଇ ପ୍ରକାରର ।
ମଣ୍ଟୁ: କ'ଣ କ'ଣ କହିଲୁ ।
ଚିଣ୍ଟୁ: ପ୍ରଥମ (ସହଜ ଓ ଶୀଘ୍ର) ବେକରେ ରଶି ଲଗାଇ ଫ୍ୟାନରେ ଝୁଲିଯାଅ ।
ଦ୍ୱିତୀୟ (ଧୀର ଓ କଷ୍ଟଦାୟକ) ବେକରେ ବରମାଳା ପକାଇ ଜୀବନଯାକ ଝୁଲିକି ରହିଥାଅ ।

× × × ×

ଦୁଇଜଣ ମହିଳା କଥାବାର୍ତ୍ତା ହେଉଥିଲେ
ପ୍ରଥମ ମହିଳା: ଆଜି ମୋ ସ୍ୱାମୀଙ୍କ ଜନ୍ମଦିନ, ତାଙ୍କୁ କ'ଣ ଉପହାର ଦେଲେ ସେ ଖୁସି ହୋଇଯିବେ କହିଲ ।
ଦ୍ୱିତୀୟ ମହିଳା: ଛାଡ଼ପତ୍ର ଦେଇଦିଅ ।

× × ×

ଜଣେ ବ୍ୟକ୍ତି ଭୟଭୀତ ହୋଇ ପୋଲିସ ଷ୍ଟେସନକୁ ଆସି କହିଲେ
ବ୍ୟକ୍ତି: ଥାନାବାବୁ, ମୋତେ ଆପଣ ଗିରଫ କରି ହାଜତ ଭିତରେ ଭର୍ତ୍ତି କରି ଦିଅନ୍ତୁ ।
କାରଣ ମୁଁ ମୋ ସ୍ତ୍ରୀ ମୁଣ୍ଡକୁ ବାଡ଼ିରେ ବାଡ଼େଇ ଦେଇଛି ।
ଥାନାବାବୁ: କ'ଣ ହେଲା ତମ ସ୍ତ୍ରୀ ତା' ହେଲେ ମରିଯାଇଥିବେ ତ ?
ବ୍ୟକ୍ତି: ନାଇଁ ବାବୁ, ସେ ମରିନି । ଓଲଟି ସେ ବାଡ଼ି ଧରିକି ମୋତେ ବାଡ଼େଇବାକୁ ଗୋଡ଼େଇଛି ।

× × × ×

ଶିକ୍ଷକ ମଣ୍ଟୁକୁ: ଏତେଦିନ ଧରି ସ୍କୁଲ କାହିଁକି ଆସି ନ ଥିଲୁ ?
ମଣ୍ଟୁ: ମତେ ବାର୍ଡ ଫ୍ଲୁ ହୋଇ ଯାଇଥିଲା ।
ଶିକ୍ଷକ: ଏଇଟା ତ ପକ୍ଷୀଙ୍କୁ ହୁଏ ।
ତତେ କେମିତି ହେଲା ?
ମଣ୍ଟୁ: ସାର୍, ଆପଣ ତ ମୋତେ କେବେ ବି ମଣିଷ ବୋଲି ଭାବି ନ ଥିଲେ । ସବୁବେଳେ କୁକୁଡ଼ା ବନେଇ ଦେଉଥିଲେ ।
ସେଥିପାଇଁ ବୋଧେ ହୋଇଗଲା ।

× × × × × ×

ପୁଅ ଝିଅକୁ: ତମକୁ ଘରେ କ'ଣ ଡାକନ୍ତି ?
ଝିଅ- ଚାନ୍ଦ । ଆଉ ତମକୁ କ'ଣ ଡାକନ୍ତି ?
ପୁଅ: ନିଲ୍ ଆର୍ମଷ୍ଟ୍ରଙ୍ଗ୍ ।

ସ୍ୱୀକାର
ବର୍ଷ ୨୫, ସଂଖ୍ୟା-୪୨, ୨୧ - ୨୭ ନଭେମ୍ବର ୨୦୨୧

# ମହଙ୍ଗା ମାଡ଼ରେ ଅତିଷ୍ଠ ଜନସାଧାରଣ

ଡିଜେଲ, ପେଟ୍ରୋଲ ଓ ଇନ୍ଧନ ଗ୍ୟାସ୍‌ର ଅହେତୁକ ମୂଲ୍ୟବୃଦ୍ଧି ସାଧାରଣ ଜନତାଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଉଥିବା ବେଳେ ସମସ୍ତ ପ୍ରକାରର ଖାଇବା ତେଲ, ଡାଲି, ଚିନିଠାରୁ ଆରମ୍ଭ କରି ସବୁ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ଯେପରି ହୁ ହୁ ହୋଇ ବଢ଼ି ଚାଲିଛି ତାହା ସବୁ ବର୍ଗର ଲୋକଙ୍କ ପାଇଁ ଚିନ୍ତାର କାରଣ ହେଲାଣି । ଆଳୁ, ପିଆଜଠାରୁ ଆରମ୍ଭ କରି ପ୍ରତ୍ୟେକ ପନିପରିବା ମୂଲ୍ୟରେ କିଲୋ ପ୍ରତି ୨୦ ରୁ ୩୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟବୃଦ୍ଧି ମଧବିତ୍ତ, ନିମ୍ନ ମଧବିତ୍ତ ବିଶେଷ କରି ଗରିବମାନଙ୍କ ରୋଷେଇ ଉପରେ ଯେପରି ପ୍ରହାର କରି ଚାଲିଛି ତାହା ସହିବାର ସବୁ ସୀମାକୁ ଅତିକ୍ରମ କଲାଣି । ଚାଷୀଙ୍କ ଚାଷ ଉପକରଣ ସହ ସାର, ବିହନ, କୀଟନାଶକ ଠାରୁ ଆରମ୍ଭ କରି ଜୀବନ ରକ୍ଷାକାରୀ ଔଷଧ ପର୍ଯ୍ୟନ୍ତ ସବୁର ମୂଲ୍ୟବୃଦ୍ଧି ଘଟି ଜନଗଣଙ୍କୁ ହନ୍ତସନ୍ତ କରି ଦେଉଥିଲେ ମଧ ଦରଦାମ ନିୟନ୍ତ୍ରଣ କରିବା ଦିଗରେ ନା କେନ୍ଦ୍ର ସରକାର ନା ରାଜ୍ୟ ସରକାର କେହି ବି ଚେଷ୍ଟାରତ ଥିବା ପରି ମନେ ହେଉନି ।

କରୋନା ମହାମାରୀ ପ୍ରାଦୁର୍ଭାବରେ ଦେଶର ଲକ୍ଷ ଲକ୍ଷ ଲୋକ ରୋଜଗାର ହରାଇ ବେକାର ହୋଇଯାଇଥିବା ବେଳେ ଅନିୟନ୍ତ୍ରିତ ଦରବୃଦ୍ଧି ସାମାଜିକ ଜନଜୀବନକୁ ଯେପରି ଅସ୍ତବ୍ୟସ୍ତ କରୁଛି ସେଥିରେ ରୋକ୍ ଲଗାଇବା ପରିବର୍ତ୍ତେ ପେଟ୍ରୋଲ, ଡିଜେଲ ଓ ରୋଷେଇ ଗ୍ୟାସ ଉପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଅଧିକ ଟିକସ ବସାଇ ସାଧାରଣ ଜନତାଙ୍କୁ ଯେଉଁଭଳି ଲୁଟିବାରେ ଲାଗିଛନ୍ତି ତାହା ଜନ ଆକ୍ରୋଶକୁ ବଢ଼ାଇବାରେ ସହାୟକ ହେବ, ଏଥିରେ ସନ୍ଦେହ ନାହିଁ । ଏକ ଦେଶ ଏକ ଟିକସ'ର ଦ୍ୱାହି ଦେଇ ସମଗ୍ର ଦେଶରେ ଜିଏସଟି ଲାଗୁ କରାଯାଇଥିଲେ ମଧ ପେଟ୍ରୋଲଜାତ ଦ୍ରବ୍ୟକୁ ଜିଏସଟି ପରିସରଭୁକ୍ତ ନ କରିବା ଏହା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ଏକ ସୁଚିନ୍ତିତ ଚକ୍ରାନ୍ତ କହିଲେ ଅତ୍ୟୁକ୍ତି ହେବ ନାହିଁ । ମହାମାରୀର କରାଳ ଗ୍ରାସରେ ଦେଶର ଅର୍ଥନୀତି ରସାତଳଗାମୀ ହେବା ସହ ଜନଗଣଙ୍କ ଆୟର ପନ୍ଥା ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇ ପଡ଼ିଛି । ଫଳରେ ସାଧାରଣ ଜନତା ଏବେ କପର୍ଦ୍ଦକଶୂନ୍ୟ ହୋଇ କ୍ରୟଶକ୍ତି ହରାଇ ବସିଥିବାରୁ ପାରିବାରିକ ଜୀବନରେ ହତାଶା ଓ ଅସହାୟତା କ୍ରମେ ବୃଦ୍ଧି ପାଇବାରେ ଲାଗିଛି । ପରିସ୍ଥିତିରେ ଗମ୍ଭୀରତାକୁ ହୃଦୟଙ୍ଗମ କରି କେନ୍ଦ୍ର ସରକାର ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ପାଖାପାଖି ଅଶୀ କୋଟି ଲୋକଙ୍କୁ ମାସିକ ପାଞ୍ଚ କିଲୋ ଚାଉଳ କିମ୍ବା ଗହମ ମାଗଣାରେ ଯୋଗାଇ ଦେଉଛନ୍ତି । ଅବଶ୍ୟ ମହାମାରୀ ପୂର୍ବରୁ କେନ୍ଦ୍ର ସରକାର ବହୁ ଜନକଲ୍ୟାଣକାରୀ ଯୋଜନା ପ୍ରଣୟନ କରିଥିଲେ ମଧ ପେଟ୍ରୋଲ, ଡିଜେଲ ଓ ରୋଷେଇ ଗ୍ୟାସ୍ ଉପରେ ଅଧିକ ଟିକସ୍ ବସାଇ ଜନଗଣଙ୍କ ପକେଟରୁ ଲୁଟି ନେଉଥିବାରୁ ସମାଜରେ ବାସ୍ତବ ବିକାଶର ଚିତ୍ର ପରିଦୃଷ୍ଟ ହେଉନି । ଉଜ୍ଜ୍ୱଳା ଯୋଜନାରେ ଦେଶରେ ପ୍ରାୟ ଆଠକୋଟି ଲୋକଙ୍କୁ ମାଗଣାରେ ଗ୍ୟାସ୍ ସିଲିଣ୍ଡର ଭରିବା ପାଇଁ ପାଖାପାଖି ହଜାରେ ଟଙ୍କା ଦେୟ ଦେବାକୁ ପଡୁଥିବାରୁ ପ୍ରାୟ ତିନି କୋଟିରୁ ଉର୍ଦ୍ଧ୍ୱ ହିତାଧିକାରୀ ଆର୍ଥିକ ଅନଟନ କାରଣରୁ ସିଲିଣ୍ଡରରେ ପୁନଃ ଗ୍ୟାସ୍ ଭରି ନ ପାରି ପୁଣି ସେହି କାଠଚୁଲିକୁ ଆପଣେଇ ନେଇଛନ୍ତି ।


ବର୍ତ୍ତମାନ ପେଟ୍ରୋଲ ମୂଲ୍ୟ ୧୦୦ ଟଙ୍କାକୁ ଅତିକ୍ରମ କରିଯାଇଥିବାରୁ ଅଧିକାଂଶ ଲୋକ ବାଇକ ଚଳାଇବାକୁ ଏବେ ଆଉ ସହଜ ମଣୁନାହାନ୍ତି । ଲିଟରରେ ଡିଜେଲର ମୂଲ୍ୟ ଏବେ ଶହେ ଟଙ୍କାକୁ ପାର କରିଯାଇଥିବାରୁ ମାଲ ପରିବହନ କ୍ଷେତ୍ରରେ ତା'ର ସିଧା ପ୍ରଭାବ ପଡୁଛି । ତେଣୁ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ଗୁଡିକର ମୂଲ୍ୟରେ ଅଧିକ ବୃଦ୍ଧି ଘଟି ଜନଗଣଙ୍କ ଆର୍ଥିକ ଅବସ୍ଥାକୁ ପୁରାପୁରି ଦୋହଲାଇ ଦେଉଛି । ସବ୍‌ସିଡି ଯୁକ୍ତ ଗ୍ୟାସ ସିଲିଣ୍ଡରକୁ ସରକାର ସବସିଡି ମୁକ୍ତ କରିଦେଇ ରୋଷେଇ ଗ୍ରାସ୍ ମୂଲ୍ୟରେ ଯେପରି ବାରମ୍ବାର ବୃଦ୍ଧି କରି ଚାଲିଛନ୍ତି ସେଥିରେ ଅତିଷ୍ଠ ହୋଇ ଅଧିକାଂଶ ପରିବାର ପୁଣି ସେହି ପୁରୁଣା କାଠଚୁଲାକୁ ଆପଣେଇବା ପାଇଁ ବାଧ ହେବେ, ଏଥିରେ ସନ୍ଦେହ ନାହିଁ ।

ମହଙ୍ଗାର ଚାବୁକ ମାଡ଼ରେ ଲୋକେ ହନ୍ତସନ୍ତ ହେଉଥିବା ବେଳେ ସରକାରଙ୍କ ଯୁକ୍ତି ହେଲା ଦେଶରେ ଭିତ୍ତିଭୂମିର ବିକାଶ ସହ ଜନକଲ୍ୟାଣକାରୀ ଯୋଜନାଗୁଡିକର ସଫଳ ରୂପାୟନ ପାଇଁ ଅର୍ଥର ଆବଶ୍ୟକତା ଥିବାରୁ ପେଟ୍ରୋଲ ଜାତ ଦ୍ରବ୍ୟରୁ ଆଦାୟ ଟିକସ ଅର୍ଥ ସେହିସବୁ କ୍ଷେତ୍ରରେ ବିନିଯୋଗ କରାଯାଉଛି । ସମଗ୍ର ଦେଶବାସୀଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଟିକାକରଣ କରିବାକୁ ପୁଥିବାରୁ ଜନସାଧାରଣ କିଛି ତ୍ୟାଗ ସ୍ୱୀକାର କରି ଦେଶର ପ୍ରଗତି ପାଇଁ ସହଯୋଗ କରିବାକୁ ପଡିବ । ସରକାରଙ୍କ ଏଭଳି ସଫେଇର କିଛି ମାନେ ଥିବାପରି ମନେହୁଏନି । କାରଣ ଜନସାଧାରଣଙ୍କ ଟିକସ ପଇସାରେ ଯଦି ସରକାର ସବୁ ଯୋଜନାକୁ କାର୍ଯ୍ୟକାରୀ କରୁଛନ୍ତି ତେବେ ସର୍ବସାଧାରଣଙ୍କୁ ସବୁ କିଛି ମାଗଣାରେ ଦେଉଛନ୍ତି ବୋଲି କହିବାର ତାତ୍ପର୍ଯ୍ୟ କ'ଣ ? ଜନମଙ୍ଗଳ ରାଷ୍ଟ୍ରରେ ନାଗରିକଙ୍କ ଧନ ଜୀବନର ସୁରକ୍ଷା ଦାୟିତ୍ୱ ହେଉଛି ସରକାରଙ୍କର । ଟିକସଦାତାଙ୍କର ମଧ ପୂର୍ଣ୍ଣ ଅଧିକାର ରହିଛି ସରକାରଙ୍କ ଠାରୁ ସର୍ବନିମ୍ନ ସୁବିଧା ପାଇବା, ଯାହା କି ସରକାର ଯୋଗାଇବା ପାଇଁ ବାଧ । ଏଥିରେ ଅନୁଗ୍ରହର ପ୍ରଶ୍ନ ଉଠୁଛି କେଉଁଠି ? କର୍ପୋରେଟ ଜଗତର କୋଟିପତି ଉଦ୍ୟୋଗପତି ହୁଅନ୍ତୁ ଅଥବା ସେଲିବ୍ରିଟିମାନେ ଗୋଟିଏ ଲିଟର ପେଟ୍ରୋଲ କ୍ରୟ ପାଇଁ ଯେତିକି ଟିକସ ଦିଅନ୍ତି ଜଣେ ସାଧାରଣ ଗରିବ ଲୋକ ତାହା କ୍ରୟ କରିବାକୁ ସେତିକି ଟିକସ ବହନ କରିଥାଏ । ସେହିପରି ରୋଷେଇ ଗ୍ୟାସ୍ କିଣାରେ ଉଭୟେ ସମାନ ପରିମାଣର ଅର୍ଥ ପୈଠ କରିଥାନ୍ତି । ଉଦ୍ୟୋଗପତି କିମ୍ବା ସେଲିବ୍ରିଟି ମାନଙ୍କ ଉପରେ ବର୍ଦ୍ଧିତ ମୂଲ୍ୟ ବୃଦ୍ଧିର କୌଣସି ପ୍ରଭାବ ପଡୁ ନ ଥିବା ବେଳେ ସାଧାରଣ ଗରିବ ଖଟିଖିଆ ମଧବିତ୍ତ ପରିବାର ଏଥିରେ ପେଷି ହୋଇ ସର୍ବସ୍ୱାନ୍ତ ହେବା ନିଶ୍ଚିନ୍ତ ଏହା ଯେ କେହି ସ୍ୱୀକାର କରିବେ । ପରିସଂଖ୍ୟାନ ଅନୁଯାୟୀ କରୋନା କାଳରେ କୋଟି କୋଟି ଜନସାଧାରଣ ଆଜୀବିକା ହରାଇ ଆର୍ଥିକ ଅନଟନ କାରଣରୁ ଡଳିତକାନ୍ତ ହୋଇ ଦାରିଦ୍ର୍ୟ ସୀମାରେଖା ତଳକୁ ଚାଲି ଯାଇଥିବା ବେଳେ କର୍ପୋରେଟ ଜଗତର ଉଦ୍ୟୋଗପତିମାନଙ୍କ ଆୟର ଉତ୍ସ ଦଶଗୁଣକୁ ବୃଦ୍ଧି ପାଇଛି ।

ଜନଗଣଙ୍କ ହିତକୁ ଦୃଷ୍ଟିରେ ରଖି ସରକାର ସମ୍ବେଦନଶୀଳ ହୋଇ ପେଟ୍ରୋଲ ଜାତ ଦ୍ରବ୍ୟକୁ ଅବିଳମ୍ବେ ଜିଏସଟି ପରିସରଭୁକ୍ତକରିବା ସହ ରାଜକୋଷର ଅଭିବୃଦ୍ଧି ପାଇଁ ଅନ୍ୟ କୌଣସି ବିକଳ୍ପ ବ୍ୟବସ୍ଥା ଉପରେ ବିଚାର କରିବା ଆବଶ୍ୟକ । ଦେଶର ଅର୍ଥନୀତିକୁ ଗତିଶୀଳ କରିବାକୁ ହେଲେ ଜନଗଣଙ୍କ କ୍ରୟଶକ୍ତିକୁ ବଢ଼ାଇବାକୁ ପଡିବ । ତେଣୁ ସାଧାରଣ ଜନତାଙ୍କ ହାତରେ କିଛି ଆର୍ଥିକ ସହାୟତା ପ୍ରଦାନ କରି ବଜାରରେ ଚାହିଦା ବୃଦ୍ଧି ପାଇଁ ଉଦ୍ୟମ ହେବା ଆବଶ୍ୟକ । ଚାହିଦା ବୃଦ୍ଧି ପାଇଲେ ଉତ୍ପାଦନ ବଢ଼ିବା ସହିତ ଆର୍ଥିକ ଅଭିବୃଦ୍ଧି ଗତିଶୀଳ ହେବ । ଉତ୍ପାଦନ ବୃଦ୍ଧି ପାଇଁ କଳକାରଖାନା ଚଳଚଞ୍ଚଳ ହେଲେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ତାହାହେଲେ ଯାଇ ଦେଶର ଅର୍ଥନୈତିକ ଓ ସାମାଜିକ ବିକାଶ ସମ୍ଭବ ହୋଇ ପାରିବ ଏଥିରେ ସନ୍ଦେହ ନାହିଁ ।

# ସମାନ ନାଗରିକତା

ମହାତ୍ମା ଗାନ୍ଧୀ



ସଂଖ୍ୟାଲଘୁ ସମ୍ପ୍ରଦାୟମାନଙ୍କୁ ଏହି ସତ୍ୟଟିର ଉପଲବ୍ଧି କରାଇବାକୁ ପଡ଼ିବ ଯେ, ସେମାନେ ଯେଉଁ ରାଷ୍ଟ୍ର ଅଧୀନରେ ବାସକରୁଛନ୍ତି, ସେଥିରେ ସଂଖ୍ୟାଧିକ ସମ୍ପ୍ରଦାୟଙ୍କର ଯେତିକି ମୂଲ୍ୟ ରହିଛି, ସେମାନଙ୍କର ମଧ ସମାନଭାବରେ ସେତିକି ମୂଲ୍ୟ ରହିଛି ।

ଯଦି ହିନ୍ଦୁ ବହୁସଂଖ୍ୟକତା ନିଜର ଧର୍ମ ଓ କର୍ତ୍ତବ୍ୟକୁ ମୂଲ୍ୟବାନ୍ ବୋଲି ମନେ କରୁଥିବ, ତେବେ ସେମାନଙ୍କୁ ଯେ କୌଣସି ମୂଲ୍ୟ ଦେଇ ମଧ ନ୍ୟାୟରେ ରହିବାକୁ ହେବ । ଅଳ୍ପସଂଖ୍ୟକତାର ଅନେକ ଅଭାବ ଓ ଅନେକ ଭୁଲ ଥିଲେ ମଧ ସେମାନେ ସେଗୁଡିକୁ ଆଦୌ ଧରିବେ ନାହିଁ, କାରଣ ବହୁସଂଖ୍ୟକତା ବ୍ୟତୀତ ନ୍ୟାୟ ପାଇବା ନିମନ୍ତେ ଆଶା କରିବା ଲାଗି ସଂଖ୍ୟାଲଘୁମାନଙ୍କର ପ୍ରକୃତରେ ଆଉ କିଏ ଅଛି ?

ମୁସଲମାନମାନଙ୍କୁ ତୁମେ ସମାନ ଅଧିକାର ରହିଥିବା ନାଗରିକ ରୂପେ ବ୍ୟବହାର କରିବ । ବ୍ୟବହାରର ସମାନତା ହିଁ ଉର୍ଦ୍ଦୁ ଲିପିପ୍ରତି ସମାନ ରଖିବା ଦାବି କରୁଛି ।

ଗୋଟିଏ ସଂଖ୍ୟାଲଘୁ ସଂପ୍ରଦାୟ ଯେତେ ସାନ ହୋଇଥାଉ ପଛକେ, ତା'ର ମନରେ ଅତ୍ୟାଚାରିତ ହେଉଥିବାର କୌଣସି ବୋଧ ରହିବା ଉଚିତ ନୁହେଁ । ଭାଷା ଓ ଲିପି ପ୍ରଭୃତି ଏହି ସମସ୍ୟାଗୁଡ଼ିକୁ ଯଥା ସମ୍ଭବ ଉଦାର ଭାବରେ ସମାଧାନ କରିବାର ପ୍ରୟୋଜନ ରହିଛି ।

ହିନ୍ଦୁ ମୁସଲମାନ ସମସ୍ୟାଟିର କ୍ଷେତ୍ରରେ ମୋ'ର ଏହି ଗୋଟିଏ ଲକ୍ଷ୍ୟ ରହିଛି ଯେ, ଭାରତୀୟ ସଂଘରାଷ୍ଟ୍ରରେ ହେଉ ଅଥବା ପାକିସ୍ଥାନରେ ହେଉ, ସଂଖ୍ୟାଲଘୁ ଗୋଷ୍ଠୀଟି ସେହି ଗୋଷ୍ଠୀରେ ମାତ୍ର ଜଣେ ବ୍ୟକ୍ତି ବାସ କରୁଥାଉ ପଛକେ, ଯେତେବେଳେ ନିଜକୁ ସଂପୂର୍ଣ୍ଣ ଭାବରେ ନିରାପଦ ବୋଲି ଅନୁଭବ କରିବ, ସେତେବେଳେ ଯାଇ ପ୍ରଶ୍ନଟିର ସଂପୂର୍ଣ୍ଣ ସମାଧାନ ହୋଇଯିବ ।

ହିନ୍ଦୁ ଓ ଶିଖ ମହିଳାମାନେ ମୁସଲମାନ ଭଗିନୀମାନଙ୍କ ପାଖକୁ ଯାଇ ସେମାନଙ୍କ ସହିତ ବନ୍ଧୁତା ସ୍ଥାପନ କରିବେ । ଉତ୍ସବ, ପର୍ବ ପ୍ରଭୃତିରେ ସେମାନଙ୍କୁ ନିମନ୍ତ୍ରଣ କରିବେ ଓ ସେମାନଙ୍କ ଦ୍ୱାରା ନିମନ୍ତ୍ରିତ ମଧ ହେବେ । ମୁସଲମାନ ଝିଅ ଓ ପୁଅମାନେ ସାମ୍ପ୍ରଦାୟିକ ବିଦ୍ୟାଳୟଗୁଡ଼ିକ ପ୍ରତି ନୁହେଁ, ସର୍ବସାଧାରଣ ବିଦ୍ୟାଳୟଗୁଡ଼ିକ ଆଡ଼କୁ ଆକୃଷ୍ଟ ହେବେ । କ୍ରୀଡ଼ାଦିରେ ମଧ ସେମାନେ ଅବଶ୍ୟ ଅନ୍ୟମାନଙ୍କ ସହିତ ଯୋଗଦେବେ ।

# ପାଇଲସ ଦୂର କରେ ଷ୍ଟ୍ରବେରୀ

ଇନଫ୍ଲାମେଟୋରୀ ବୋବେଲ ଡିଜିଜ୍ ଭଳି ଏକ ଯନ୍ତ୍ରଣାଦାୟକ ସମସ୍ୟା ଯୋଗୁଁ ଝାଡାରେ କଷ୍ଟ ବା କବଜ ସୃଷ୍ଟି ହୋଇଥାଏ । ଏଥିଯୋଗୁଁ ପାଇଲସ୍ ବା ଅର୍ଶ ରୋଗ ବାହାରି ଥାଏ, ବ୍ୟକ୍ତି ଅସହ୍ୟ ଯନ୍ତ୍ରଣା ଅନୁଭବ କରିଥାନ୍ତି । ଏହାର ଉପଚାର ଔଷଧ ଓ ସର୍ଜରୀ ଦ୍ୱାରା କରାଯାଇଥାଏ । ଏହି ରୋଗରୁ ମୁକ୍ତି ପାଇବା ପାଇଁ ନିକଟରେ ମୂଷାଙ୍କ ଠାରେ ଏକ ଅଧ୍ୟୟନର ନିଷ୍କର୍ଷରୁ ଜଣାପଡିଛି କି ଷ୍ଟ୍ରବେରୀ ଖାଇବା ଫଳରେ ଓଜନ କମ୍ ହେବ ତଥା ରକ୍ତ ଅର୍ଶର ଚିକିତ୍ସା ମଧ ହୋଇପାରିବ ।

ଆମେରିକାର ୟୁନିଭରସିଟି ମାସାଚ୍ୟୁସେଟସର ହାଙ୍ଗ ଜିଆଓ କହିଛନ୍ତି, ପରିବର୍ତ୍ତିତ ଜୀବନ ଶୈଳୀ ଓ ଅନିୟମିତତା ଖାଦ୍ୟର ଅଭ୍ୟାସ ଯୋଗୁଁ ଅଧିକାଂଶ ଲୋକ ମୋଟାପାର



ଶିକାର ହୋଇଥାନ୍ତି, ତେଣୁ ନିୟମିତ ଷ୍ଟ୍ରବେରୀ ଖାଇବା ଦ୍ୱାରା ଫ୍ୟାଟ୍ କମିଥାଏ । କାହିଁକି ନା ଷ୍ଟ୍ରବେରୀରେ କମ୍ ଫାଇବର ରହିଥାଏ । ଏହା ଆନ୍ତଃ ତଥା ମଳାଶୟ ସମସ୍ୟାକୁ ଦୂର କରିବା ସହିତ ରକ୍ତଅର୍ଶ ପାଇଁ ରାମବାଣ ପରି କାମ କରେ ।

ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଷ୍ଟ୍ରବେରୀରେ ପ୍ରଚୁର ରହିଥିବା ହେତୁ ଏହା ରୋଗ ସହିତ ଲଢ଼େଇ କରିବାର କ୍ଷମତାକୁ ବଢ଼ାଇବା ସହ ରୋଗକୁ ନିୟନ୍ତ୍ରଣରେ ରଖେ ।

ଷ୍ଟ୍ରବେରୀରେ ଭିଟାମିନ୍ 'ସି' ରହିଥିବା ହେତୁ ଏହା ଆଖିକୁ ସୁସ୍ଥ ରଖିଥାଏ । ଏଥିରେ ଫ୍ଲେବୋନଏଡ୍, ଫଲେଟ୍, କେଲ୍ପୋରାଲ ଭଳି ତତ୍ତ୍ୱ ରହିଛି ଯାହାକି କ୍ୟାନସର ଉତ୍ପନ୍ନ କରୁଥିବା କୋଷିକାକୁ ନାଶ କରିଥାଏ ।

## କଫି ପିଇଲେ ଦୀର୍ଘାୟୁ ହେବେ



ପ୍ରତିଦିନ କଫି ପିଉଥିବା ବ୍ୟକ୍ତିଙ୍କ ପାଇଁ ଖୁସି ଖବର । ଯେଉଁମାନେ ପ୍ରତିଦିନ ୭ ରୁ ୮ କପ୍ କଫି ପିଉଛନ୍ତି ସେମାନେ ଦୀର୍ଘାୟୁ ହେବେ । ଆମେରିକାର 'ଜାମା' ଇଣ୍ଟରନାସନାଲ ମେଡିକାଲ ପତ୍ରିକାରେ ଏପରି ତଥ୍ୟ ପ୍ରକାଶ ପାଇଛି । ଗବେଷକମାନେ ଏଥିରେ ବ୍ରିଟିଶର ୫ ଲକ୍ଷ ଲୋକଙ୍କୁ ସାମିଲ କରିଥିଲେ । ୩୮ ରୁ ୭୩ ବର୍ଷ ବୟସ ସୀମାର ଏହି ବ୍ୟକ୍ତିମାନଙ୍କ ଭିତରୁ ୭୮ ପ୍ରତିଶତ ବ୍ୟକ୍ତି ପ୍ରତିଦିନ କଫି ପିଅନ୍ତି । ଏମାନଙ୍କ ଭିତରୁ ୧୪ ହଜାର ୨୨୫ ଜଣ ବ୍ୟକ୍ତି ମୃତ୍ୟୁବରଣ କରିସାରିଛନ୍ତି । ଯେଉଁମାନେ ପ୍ରତିଦିନ ଏକ କପ୍ କଫି ପିଅନ୍ତି ସେମାନଙ୍କର ଅକାଳ ମୃତ୍ୟୁ ଆଶଙ୍କା ୮ ପ୍ରତିଶତ କମିଯାଏ । ସେହିଭଳି ୭ ରୁ ୮ କପ୍ ପିଇଲେ ୧୬ ପ୍ରତିଶତ ଏବଂ ୮ ରୁ ଅଧିକ କପ୍ କଫି ପିଇଲେ ୧୪ ପ୍ରତିଶତ ଅକାଳ ମୃତ୍ୟୁର ଆଶଙ୍କା କମ୍ ହୋଇଥାଏ ବୋଲି ଗବେଷଣାରୁ ଜଣାପଡିଛି । ଯେକୌଣସି ପ୍ରକାର ଇନଷ୍ଟା, ଫିଲଟରେଡ ଓ ଡିକାଫେନେଟେଡ୍ କଫି ହେଉ ସେଥିରେ କିଛି ଫରକ ନାହିଁ ।

## ବହୁ ଉପକାରୀ ସୈନ୍ଧବ ଲବଣ ପାଣି

ଛୋଟ ମୋଟ ସ୍ୱାସ୍ଥ୍ୟ ସମସ୍ୟାରୁ ମୁକୁଳିବା ପାଇଁ ଖାଲି ପେଟରେ ସୈନ୍ଧବ ଲବଣ ପାଣି ପିଅନ୍ତୁ । ପ୍ରତିଦିନ ସକାଳୁ ଖାଲି ପେଟରେ ୧ଗ୍ଲାସ ଉଷୁମ ପାଣିରେ ଏକ ଚାମଚ ସୈନ୍ଧବ ଲବଣର ୪ ଭାଗରୁ ଭାଗେ ଗୋଳାଇ ପିଅନ୍ତୁ ।

ପେଟ ସମସ୍ୟା ହେଲେ ସୈନ୍ଧବ ଲୁଣଯୁକ୍ତ ପାଣି ପିଅନ୍ତୁ । ଏହାଦ୍ୱାରା ପାଚନ ତନ୍ତ୍ର ମଜବୁତ ରହିବା ସହ ଗ୍ୟାସ ସମସ୍ୟାରୁ ମଧ ମୁକ୍ତି ମିଳିବ ।

ଏହି ଲୁଣ ପାଣି ଶରୀରରେ କ୍ୟାଲସିୟମ ଅଭାବକୁ ପୁରଣ କରେ । ତେଣୁ ପ୍ରତିଦିନ ଏହାକୁ ପିଇଲେ ହାଡ଼ ମଜବୁତ ରହିବ ।

ପ୍ରତିଦିନ ସୈନ୍ଧବ ଲବଣ ପାଣି ପିଇଲେ ଏହା ଶରୀରରୁ ହାନିକାରକ ବ୍ୟାକ୍ଟେରିଆ ନଷ୍ଟ କରିବ ।



ଲିଭର ସମ୍ବନ୍ଧିତ ସମସ୍ୟାରୁ ମୁକ୍ତି ପାଇବା ପାଇଁ ସୈନ୍ଧବ ଲବଣ ପାଣି ପିଅନ୍ତୁ । ଏହାଦ୍ୱାରା ଲିଭରରେ ଥିବା ମୃତ କୋଷିକାଗୁଡିକ ବାହାରିଯାଏ ଓ ନୂଆ କୋଷର ବିକାଶ ହୋଇଥାଏ ।

ସୈନ୍ଧବ ଲବଣ ପାଣି ପିଇବା ଦ୍ୱାରା ତ୍ୱଚାରୁ କଳା ଦାଗ ଓ ବ୍ରଣ ଜନିତ ସମସ୍ୟା ଦୂର ହୋଇଥାଏ । ମୁହଁ କଳା ପଡ଼ିବା, ଧଳା ଦାଗ ଆଦି ଦୂର ହୁଏ । ଯେଉଁମାନଙ୍କର ମଳିନ ଚେହେରା ପ୍ରତିଦିନ ସେମାନେ ଏହି ପାଣି ପିଇବା ଦ୍ୱାରା ଚେହେରା ଆକର୍ଷଣୀୟ ଦେଖାଯାଏ ।

ଅନିଦ୍ରାଜନିତ ସମସ୍ୟାରେ ଅନେକ ବହୁ କଷ୍ଟ ପାଉଥାନ୍ତି । ପ୍ରତିଦିନ ସୈନ୍ଧବ ଲବଣ ପାଣି ପିଇଲେ ଏହି ସମସ୍ୟା ଦୂର ହୋଇଥାଏ । ଏଥିରେ ଥିବା ମିନେରାଲ ମସ୍ତିଷ୍କକୁ ଶାନ୍ତ କରେ ଓ ଭଲ ନିଦ କରାଇଥାଏ ।

## ଫାଇଦା ଦେବ ଟମାଟୋ



ଟମାଟୋ ଖାଇଲେ ଅନେକ ଫାଇଦା ମିଳିଥାଏ । ଏହାକୁ ଲୋକେ ତରକାରୀ ହେଉ ଅବା ସାଲାଡ୍ ଭାବେ ସେବନ କରିପାରିବେ । ଏକ ଗବେଷଣାରୁ ଜଣାପଡିଛି ଟମାଟୋ ଖାଇବା ଦ୍ୱାରା କ୍ୟାନସରରୁ ରକ୍ଷା ମିଳିଥାଏ । ଗବେଷଣା ଅନୁସାରେ ସପ୍ତାହକୁ ଅତିକମରେ ୧୦ ଥର ଟମାଟୋ ସେବନ କଲେ କ୍ୟାନସର ଆଶଙ୍କା ୪୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଥାଏ । ଏନିମିଆ ରୋଗ ପାଇଁ ମଧ ଏହା ବେଶ୍ ଉପଯୋଗୀ । ପ୍ରତିଦିନ ୨୦୦ ଗ୍ରାମ ଟମାଟୋର ରସ ସେବନ ଦ୍ୱାରା ଶରୀରର ରକ୍ତ ଅଭାବ ସମ୍ପର୍କିତ ସମସ୍ୟାରୁ ରକ୍ଷା ମିଳିଥାଏ । ଏମିତିକି ଦୈନନ୍ଦିନ ଟମାଟୋ ସେବନ ଦ୍ୱାରା ଜଣ୍ଡିସ୍ ଭଳି ରୋଗ ମଧ ଭଲ ହୋଇଥାଏ । ଯଦି ଓଜନ କମ୍‌କୁ ନେଇ ଚିନ୍ତିତ ଥାନ୍ତି ତେବେ ଭୋଜନରେ କଞ୍ଚା ଟମାଟୋକୁ ସାମିଲ କରନ୍ତୁ । ଏହା ଓଜନ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିବ । କେବଳ ସେତିକି ନୁହେଁ, ଟମାଟୋ ସେବନ ଦ୍ୱାରା ମୁହଁ ଛାଲ, କୋଷ୍ଠକାଠିନ୍ୟ, ଛୋଟ ପିଲାଙ୍କ ଚକ୍ଷୁ କ୍ଷୀଣତା ଜନିତ ସମସ୍ୟାରୁ ମଧ ଉପଶମ ଦେଇଥାଏ ।

## ଫୁଡ୍ ପଏଜନିଂର କାରଣ ଆଇସ୍‌କ୍ରିମ୍

ମଧୁମେହ, ମେଦବହୁଳଆଦିକୁ ବୃଦ୍ଧି କରାଉଥିବା ଆଇସକ୍ରିମ୍ ସଭିଙ୍କର ଅତି ପ୍ରିୟ । କିନ୍ତୁ ତରଳ ରୂପ ନେଲେ ଏହା ଫୁଡ୍ ପଏଜନିଂର କାରଣ ସାଜେ । ପ୍ରତିବର୍ଷ ଯୁକେରେ ଲକ୍ଷ ଲକ୍ଷ ଲୋକ ଏହାର ଶିକାର ହେଉଛନ୍ତି । ଆଇସକ୍ରିମ ତରଳିଲେ ଏଥିରେ ଲିଷ୍ଟେରିଆ ନାମକ ବ୍ୟାକ୍ଟେରିଆ ଆସି ମିଶେ । ଯାହା ପରେ ଆମ ଶରୀରକୁ ଯାଇ ଫୁଡ୍ ପଏଜନିଂର କାରଣ ହୁଏ । ୨୦୧୫ ରେ ୩ ଜଣ ବ୍ୟକ୍ତି ଏହି ଫୁଡପଏଜନିଂର ଶିକାର ହୋଇ ମୃତ୍ୟୁବରଣ କରିଥିଲେ ଓ ୫ ଜଣ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ସାଧାରଣତଃ ଅନେକ ଆଇସକ୍ରିମ



ଫ୍ରିଜରୁ ବାହାର କରି ରୁମ୍ ତାପମାତ୍ରାରେ ଥଣ୍ଡା କମ୍ କରିବାକୁ ଛାଡ଼ି ଦିଅନ୍ତି ଏବଂ ତାକୁ ନଖାଇ ପୁଣିଥରେ ଆଇସକ୍ରିମକୁ ଫ୍ରିଜରେ ରଖି ଦେଇଥାନ୍ତି । ବାରମ୍ବାର ଏହି ପ୍ରକ୍ରିୟା ଦ୍ୱାରା ଲିଷ୍ଟେରିଆ ବ୍ୟାକ୍ଟେରିଆଙ୍କ ସଂଖ୍ୟା ଆଇସକ୍ରିମରେ ବୃଦ୍ଧିପାଏ ।

ସେଥିପାଇଁ ଆବଶ୍ୟକ ଅନୁଯାୟୀ ଆଇସକ୍ରିମ ଫ୍ରିଜରୁ ବାହାର କରନ୍ତୁ ଏବଂ ତରଳ ହେବାକୁ ନ ଦେଇ ତୁରନ୍ତ ଖାଆନ୍ତୁ । ବଜାରରେ ମିଳୁଥିବା ଆଇସକ୍ରିମରେ ସାଧାରଣତଃ ଅଣ୍ଡା ଦିଆଯାଇ ପ୍ରୋସେସ୍ ହୋଇ ରହିଥାଏ ଏବଂ ଏହା ଶରୀର ପାଇଁ ହାନିକାରକ । ସେଥିପାଇଁ ଯେତେସମ୍ଭବ କ୍ଷୀର ଓ କ୍ରିମରେ ଘରେ ଆଇସକ୍ରିମ ପ୍ରସ୍ତୁତ କରି ଖାଆନ୍ତୁ । କିନ୍ତୁ ଥଣ୍ଡା ଦିନେ ଏହାକୁ ଖାଇବା ଠିକ୍ ନୁହେଁ ।

## ଗୁଡ଼ କେତେ ଭଲ ?

ସ୍ୱାସ୍ଥ୍ୟ ସଚେତନ ବ୍ୟକ୍ତି ଚିନି ବଦଳରେ ଗୁଡ଼ ଖାଇବାକୁ ପସନ୍ଦ କରନ୍ତି । ଗୁଡ଼ରେ ଆବଶ୍ୟକ ପରିମାଣରେ ପୋଷକ ତତ୍ତ୍ୱ ରହିଥିଲେ ବି ଅନେକ ହାନିକାରକ ତତ୍ତ୍ୱ ରହିଛି ।

ମାତ୍ର ୧୦୦ ଗ୍ରାମ ଗୁଡ଼ରେ କ୍ୟାଲୋରୀ ରହିଛି । ତେଣୁ ଗୁଡ଼ ଓଜନ ବୃଦ୍ଧି କରିଥାଏ ।

ଚିନି ଅପେକ୍ଷା ଗୁଡ଼ ଭଲ ହୋଇଥିଲେ ବି ଏହା ମିଠା, ତେଣୁ ରକ୍ତରେ ଶର୍କରା ବୃଦ୍ଧି



କରିଥାଏ । ୧୦ ଗ୍ରାମ ଗୁଡ଼ରେ ୯.୭ ଗ୍ରାମ ଶର୍କରା ରହିଛି ।

ସତେଜ ଗୁଡ଼ ଖାଇଲେ ବଦହଜମୀ ହେବା ସହ ଡାଇରିଆ ବି ହୋଇଥାଏ ।

ଖରାଦିନେ ଅଧିକ ଗୁଡ଼ ଖାଇଲେ ନାକରୁ ରକ୍ତ ବାହାରେ ।

ଗୁଡ଼ ସଂପୂର୍ଣ୍ଣ ରୂପେ ବିଶୋଧନ ହୋଇ ନ ଥାଏ । ତେଣୁ ଏହାକୁ ଅଧିକ ଖାଇଲେ ଆର୍ଥ୍ରାଇଟିସ୍ ଭଳି ରୋଗ ଭୟଙ୍କର ରୂପ ନିଏ ।

ଆୟୁର୍ବେଦରେ ବର୍ଣ୍ଣନା ହୋଇଛି କି ଗୁଡ଼ ଓ ମାଛ ଏକାଠି କେବେ ଖାଇବେ ନାହିଁ । ଏହାର ଅନେକ ପାର୍ଶ୍ୱ ପ୍ରତିକ୍ରିୟା ରହିଛି ।

## ହୃଦ୍‌ରୋଗର ଆଶଙ୍କା ବଢ଼ାଏ କାଠ ତଥା କୋଇଲା ଜାଳେଣୀ

କୋଇଲା କାଠ ତଥା ଅଙ୍ଗାରକୁ ଜାଳେଣୀ ଭାବେ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରିବା ଦ୍ୱାରା ହୃଦ୍ ସମ୍ବନ୍ଧୀୟ ରୋଗ ବୃଦ୍ଧି ପାଇଥାଏ ବୋଲି ଅଧ୍ୟୟନରୁ ଜଣାପଡିଛି । ବ୍ରିଟେନ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଡକ୍ଟର ଡେରିକ



ବେନେଟଙ୍କ କହିବା କଥା ଯେଉଁମାନେ ଏସବୁ ପ୍ରୟୋଗ କରି ଚୁଲିରେ ରୋଷେଇ କରୁଛନ୍ତି ସେମାନଙ୍କୁ ତୁରନ୍ତ ଇଲେକ୍ଟ୍ରିସିଟି କିମ୍ବା ଗ୍ୟାସର ବ୍ୟବହାର କରିବା ଦରକାର । ଏଥିରୁ ନିର୍ଗତ ଦୂଷିତ ଧୂଆଁ ଯୋଗୁଁ ବାୟୁ ପ୍ରଦୂଷଣ ହୋଇଥାଏ । ତା ସାଙ୍ଗକୁ ହୃଦ ରୋଗରେ ମୃତ୍ୟୁ ସଂଖ୍ୟା ଅଧିକ ହୋଇଥାଏ । ଗ୍ୟାସରେ ରୋଷେଇ କରିବା ଦ୍ୱାରା ହୃଦ୍ ରୋଗ କମ ଦେଖା ଦେଇଥାଏ ।

ଯେଉଁମାନେ ଦୀର୍ଘ ସମୟ ପର୍ଯ୍ୟନ୍ତ ଚୁଲିରେ ରୋଷେଇ କରିଥାନ୍ତି ସେମାନଙ୍କ ଠାରେ ହୃଦ୍ ସମ୍ବନ୍ଧୀୟ ରୋଗ ଆଶଙ୍କା ଯଥେଷ୍ଟ ବେଶୀ ବୋଲି ଅଧ୍ୟୟନରୁ ଜଣାପଡିଛି ।

## ସୋରିଷ ଶାଗର ଉପକାରିତା

ସୋରିଷ ଗଛର ମଞ୍ଜି, ପତ୍ର ଏବଂ କାଣ୍ଡ ମଧ ଖାଇବା ପାଇଁ ଉପଯୁକ୍ତ । ସୋରିଷ ମଞ୍ଜିକୁ ମସଲା ରୂପେ ବ୍ୟବହାର କରାଯାଇଥାଏ । ପ୍ରତି ୧୦୦ ଗ୍ରାମ ପତ୍ରରେ କାର୍ବୋହାଇଡ୍ରେଟ୍ ୪.୫ ଗ୍ରାମ୍, ପୁଷ୍ଟିସାର ୩ ଗ୍ରାମ୍, ଭିଟାମିନ୍ ଏ ୩୦୦ ମାଇକ୍ରୋଗ୍ରାମ୍, ଭିଟାମିନ୍ 'ସି' ୬୫ ମି.ଗ୍ରାମ୍, ଲୌହ ୧.୭ ମି.ଗ୍ରାମ, କ୍ୟାଲସିୟମ୍ ୧୧୫ ମି.ଗ୍ରାମ୍ ଥାଏ ।



**ଔଷଧୀୟ ଗୁଣ :** ସୋରିଷ ପତ୍ର ବହୁତ କମ୍ କ୍ୟାଲୋରୀଯୁକ୍ତ, ତେଣୁ ଏହାକୁ ଶାଗ ରୂପେ ଖାଇଲେ ମଧୁମେହ ରୋଗ ନିୟନ୍ତ୍ରଣ ହେବାର ସମ୍ଭାବନା ରହିଛି । ଏହି ଶାଗରେ ଭିଟାମିନ୍ 'କେ' ଥିବାରୁ ଆଲଜାଇମର୍ ରୋଗୀଙ୍କ ପାଇଁ ଭଲ । ସତେଜ ଥିବା ଶାଗକୁ ରାନ୍ଧି ଖାଇବା ଦ୍ୱାରା ଶରୀରକୁ ଭିଟାମିନ୍ ବି' ପ୍ରଚୁର ପରିମାଣରେ ମିଳିଥାଏ । ଶରୀରରେ କ୍ୟାଲସିୟମ୍ ଥିବାରୁ ହାଡ଼ ଶକ୍ତ ହୋଇଥାଏ । ଚର୍ମ ରୋଗୀମାନେ ନିୟମିତ ଏହାର ଶାଗ ଖାଇବା ସ୍ୱାସ୍ଥ୍ୟ ପାଇଁ ଭଲ । ସୋରିଷ ଶାଗ ଖାଇବା ଦ୍ୱାରା ଶରୀରର ସ୍ନାୟୁଗୁଡିକର କୋଷ ଶକ୍ତ ହୋଇଥାଏ ।

## ଗୁଣକାରୀ କଖାରୁ ମଞ୍ଜି



ଘରେ ରୋଷେଇ କରିବାବେଳେ ମାଦ କଖାରୁ ମଞ୍ଜିକୁ ଅଦରକାରି ଭାବି ଫୋପାଡି ଦେଇଥାନ୍ତି ହେଲେ ପ୍ରକୃତରେ କଖାରୁ ମଞ୍ଜି ଆମ ପାଇଁ ବହୁତ ଉପକାରୀ । ପୋଷକତତ୍ତ୍ୱରେ ଭରପୁର ଏହି ପଦାର୍ଥ ଯାହା ଆମ ଶରୀର ପାଇଁ ନିତାନ୍ତ ଦରକାର ବା ଶରୀର ପାଇଁ ଉପକାରୀ ହୋଇଥାଏ । ମ୍ୟାଗ୍ନେସିୟମରେ ଭରା କଖାରୁ ମଞ୍ଜି ଆମ ହାର୍ଟକୁ ସୁସ୍ଥ ଏବଂ ସକ୍ରିୟ ରଖିବାରେ ସାହାଯ୍ୟ କରେ । ବହୁମାତ୍ରାରେ ଜିଙ୍କର ଉପସ୍ଥିତ ହେତୁ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ଏହି ମଞ୍ଜି । କଖାରୁ ମଞ୍ଜିକୁ ପୁରୁଷମାନେ ବହୁମାତ୍ରାରେ ଖାଇବା ଭଲ ହୋଇଥାଏ, କାରଣ ଏହାକୁ ଖାଇବା ଫଳରେ ପୁରୁଷମାନଙ୍କ ପ୍ରୋଷ୍ଟେଟ୍ ଗ୍ରନ୍ଥିର ଫଙ୍କସନ୍ ପାଇଁ ଜିଙ୍କର ମାତ୍ରା କମି ନ ଥାଏ । ବର୍ତ୍ତମାନ ସମାଜକୁ ଗ୍ରାସ କରିଥିବା ମଧୁମେହ ରୋଗର ନିରାକରଣ ପାଇଁ କଖାରୁ ମଞ୍ଜି ସାହାଯ୍ୟକାରୀ, ଏହା ଶରୀରର ଇନ୍ସୁଲିନର ପରିମାଣକୁ ସନ୍ତୁଳିତ କରିଥାଏ ଯାହା ଫଳରେ ଶରୀରରେ ସୁଗାର ମାତ୍ରା ଠିକ୍ ରୁହେ । ତେବେ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଆପଣ ଆଜିଠାରୁ ହିଁ ନିଜର ଖାଦ୍ୟ ତାଲିକାରେ କଖାରୁ ମଞ୍ଜିକୁ ସାମିଲ କରିଦିଅନ୍ତୁ ।

## ରାମକଥା

କଳିଯୁଗର ମଣିଷ ସ୍ୱାର୍ଥୀ, କାମୀ ଆଉ ବିଳାସୀ । ସେ ବ୍ୟସନରେ ମାତି ରହିଛି । ମଣିଷ ମନ୍ଦ ବୁଦ୍ଧିଯୁକ୍ତ । ଲୋକମାନେ ନିଜକୁ ନିଜେ ଖୁବ୍ ବୁଦ୍ଧିମାନ ବୋଲି ବିବେଚନା କରୁଛନ୍ତି, କିନ୍ତୁ ଋଷିମାନେ କହିଛନ୍ତି ଯେ କଳିଯୁଗର ମଣିଷମାନେ ମନ୍ଦ ବୁଦ୍ଧିଯୁକ୍ତ । ଯେଉଁ କାମ କରିବା ଆବଶ୍ୟକ, ଉଚିତ, ସେପରି କାମ କରନ୍ତି ନାହିଁ । ଯେଉଁ କାମ ନ କରିବା ଉଚିତ ସେପରି କାମ କରନ୍ତି । ଭଗବତ୍ ସେବା ପୂଜା କରିବାର ବହୁତ ଆବଶ୍ୟକତା ଅଛି । ହେଲେ ଭକ୍ତି କରେନାହିଁ । ଇଏ ଅଭାଗା । ଏହାକୁ ତେଣୁ ମନ୍ଦବୁଦ୍ଧି ବୋଲି କୁହାଯାଏ । ବ୍ୟାବହାରିକ କାମ କରିବାବେଳେ ଇଏ ଅତି ସାବଧାନ ରହେ, ଏକାଗ୍ର ଚିତ୍ତ ରହେ । ମାତାମାନେ ରୋଷେଇ କରିବା ବେଳେ ଅତି ସାବଧାନ ରହିଥାନ୍ତି । କାଳେ ଡାଲିରେ କମ୍ କିମ୍ବା ଅଧିକ ଲୁଣ ପଡିଯିବ । ମଣିଷ ନୋଟ୍ ଗଣିବା ବେଳେ ଏକାଗ୍ରତା ରଖେ । କିନ୍ତୁ ମାଳା ଜପିବାବେଳେ ଚିତ୍ତକୁ ଏକାଗ୍ର କରିପାରେ ନାହିଁ । ଭୋଗ କରିଥିବା ସୁଖ କଥା ଭାବିଲେ ମନ ନଷ୍ଟ ହେବାରେ ଲାଗେ । ନଷ୍ଟ ହୋଇ ଯାଇଥିବା ମନକୁ ସୁଧାରିବାର ଏକମାତ୍ର ଉପାୟ ହେଉଛି ଶ୍ରୀରାମ ନାମକୁ ପ୍ରେମ କରିବା । ଜଗତ ଶ୍ରୀରାମଙ୍କ ଅଧୀନରେ । ଶ୍ରୀରାମ ନାମର ଅଧୀନରେ ଥାଆନ୍ତି । ଭକ୍ତି ଯେଉଁଠାରେ ଥାଏ ସେଠାରେ ଜ୍ଞାନର ସ୍ଫୁରଣ ହୁଏ । ଭକ୍ତି ରହିତ ଜ୍ଞାନମାର୍ଗ ନିରାଧାର ହୋଇଥାଏ । ପତନ ହେବାକୁ ଡେରି ଲାଗେ ନାହିଁ । କାକଭୁଶୁଣ୍ଡି ଗରୁଡ଼ଙ୍କୁ କହୁଛନ୍ତି ଏଣୁ ଜ୍ଞାନ ଅପେକ୍ଷା ଭକ୍ତିକୁ ମୁଁ ଶ୍ରେଷ୍ଠ ବୋଲି ମାନେ । ରାମ କୃପା ବିନା କାହାରି ହେଲେ ଆଭ୍ୟନ୍ତର ଶାନ୍ତି ପାଇପାରେ ନାହିଁ । ଶ୍ରୀରାମଙ୍କ ସହିତ ଅତିଶୟ ପ୍ରେମ ନ କରିବା ପର୍ଯ୍ୟନ୍ତ ମନ ଶୁଦ୍ଧ ହୁଏ ନାହିଁ, ଜଡ଼ ଚୈତନ୍ୟର ଗଣ୍ଠି ଫିଟେ ନାହିଁ । ଗରୁଡ଼ଙ୍କୁ ଖୁବ୍ ଭଲ ଲାଗିଲା । ଗରୁଡ଼ଆଉ କିଛି ପଚାରିବା ପାଇଁ ମନ କଲେ । କାକଭୁଶୁଣ୍ଡି ହସି ହସି ସମ୍ମତି ପ୍ରଦାନ କଲେ । ଗରୁଡ଼ ପଚାରିଲେ, ଏହି ସଂସାରରେ ସବୁଠାରୁ ବଡ଼ ଲାଭ ଜନକ କଥା କ'ଣ ?




କାକଭୁଶୁଣ୍ଡି ତତ୍‌କାଳ ଉତ୍ତର ଦେଇ କହିଲେ- ପ୍ରକୃତ ସନ୍ଥଙ୍କର ସତସଙ୍ଗ । ଗରୁଡ଼ ପଚାରିଲେ ସବୁଠାରୁ ଅଧିକ କ୍ଷତି କେଉଁଥିରେ ହୋଇଥାଏ ? କାକଭୁଶୁଣ୍ଡି- କୁସଙ୍ଗରେ । ଗରୁଡ଼ ସବୁଠାରୁ ଶ୍ରେଷ୍ଠ ତପ କ'ଣ ? କାକଭୁଶୁଣ୍ଡି- ମନରେ କାମନାକୁ ପ୍ରବେଶ ନ କରାଇବା । ମନରୁ ଯିଏ କାମନାକୁ ତ୍ୟାଗ କରିଦେଇଥାଏ ସେ ହେଉଛି ମହାନ୍ ତପସ୍ୱୀ । ଗରୁଡ଼ ପଚାରିଲେ ବୀର କାହାକୁ କୁହନ୍ତି ?

କାକ ଭୁଶୁଣ୍ଡି - ନିଜ ଭିତରେ ଥିବା ଶତ୍ରୁକୁ ଯିଏ ମାରି ପାରେ ସିଏ ହେଉଛି ପରମ ବୀର । ଗରୁଡ଼- 'ନରକ କାହାକୁ କହନ୍ତି ? କାକଭୁଶୁଣ୍ଡି- 'ତମୋଗୁଣ ଅଧିକ ବଢ଼ିବା, ଛଳକପଟ କରିବା ପାଇଁ ଇଚ୍ଛା ହେବା ହିଁ ହେଉଛି ନରକ ।

ଗରୁଡ଼ - ସ୍ୱର୍ଗ କାହାକୁ କୁହନ୍ତି ।
କାକଭୁଶୁଣ୍ଡି- ସମସ୍ତଙ୍କ ଠାରେ ସଦଭାବ ରଖିଲେ ଓ ସତତ ପରମାତ୍ମାଙ୍କୁ ସ୍ମରଣ କରିବା ହେଉଛି ସ୍ୱର୍ଗ ।

ଗରୁଡ଼ : 'ଜୀବ ଆଉ ଈଶ୍ୱରଙ୍କ ଭିତରେ କି ପ୍ରକାର ପ୍ରଭେଦ ଅଛି ?

କାକଭୁଶୁଣ୍ଡି : ଯିଏ ମାୟାର ଅଧୀନ ସେ ହେଉଛି ଜୀବ । ମାୟା ଯାହାର ଅଧୀନ ସେ ହେଉଛି ଈଶ୍ୱର ।

ଜୀବ ଅନେକ, ଈଶ୍ୱର ହେଉଛନ୍ତି ଏକ । ଜୀବ ପରତନ୍ତ୍ର, ଈଶ୍ୱର ସ୍ୱତନ୍ତ୍ର । ମାୟା ଉପରେ ଦଣ୍ଡାୟମାନ କରାଯାଇଥିବା ଏହି ଭେଦ ଯଦିଓ ମିଥ୍ୟା, ପରମାତ୍ମାଙ୍କର କୃପା ବିନା କୋଟିଏ ହେବ ଉପାୟ ଦ୍ୱାରା ବି ଏହା ଦୂର ହୋଇପାରେ ନାହିଁ ।

ଗରୁଡ଼ଙ୍କର ସକଳ ପ୍ରକାର ସଂଶୟ ଏଥର ଦୂର ହୋଇଗଲା । ଗରୁଡ଼ଙ୍କ ଶ୍ରୀରାମ ପ୍ରେମ ଉଦୟ ହୋଇଗଲା । ଶ୍ରୀରାମ ଦେବତା ନୁହନ୍ତି । ସେ ଦେବତାମାନଙ୍କର ଦେବ । ସେ ଆଦିନାରାୟଣ ପରମାତ୍ମା । ତାଙ୍କର ଏପରି ବିଶ୍ୱାସ ଦୃଢ଼ୀଭୂତ ହୋଇଗଲା ।

ସନ୍ଥ ତୁଳସୀ ଦାସଙ୍କର ଉତ୍ତର କାଣ୍ଡ ଅତି ସୁନ୍ଦର, ଅତି ଦିବ୍ୟ । ଏହି କାଣ୍ଡରେ ସେ ସକଳ ଶାସ୍ତ୍ରର ସାର ଭର୍ତ୍ତି କରି ଦେଇଛନ୍ତି । ଶ୍ରୀରାମଚରିତ ମାନସର ଉତ୍ତରକାଣ୍ଡ ଥରେ ଦୁଇ ଥର ନୁହେଁ ଦଶ ପନ୍ଦର ଥର ପାଠ କରିବା ଉଚିତ । ଅନ୍ତର ମଧରେ ଥିବା ରାକ୍ଷସ ମଲେ ଜୀବନର ଉତ୍ତର କାଣ୍ଡ ସୁଧୁରି ଯାଏ । ମୁକ୍ତି ମିଳେ । ତନ ବଦଳିଯାଏ ହେଲେ ମନ ବଦଳେ ନାହିଁ । ମୃତ୍ୟୁ ପରେ ବି ମନ ସାଥିରେ ରହେ । ଏଣୁ ମନକୁ ସବୁବେଳେ ଜଗିଥିବା ଦରକାର । ଯିଏ ତନୁକୁ ସମ୍ଭାଳି ରଖେ ସେ ହେଉଛି ସଂସାରୀ । ଯିଏ ମନକୁ ସମ୍ଭାଳି ରଖେ ସେ ହେଉଛି ସନ୍ଥ । ତନ ମଲେ ମୁକ୍ତି ମିଳେ ନାହିଁ, ମନ ମଲେ ମୁକ୍ତି ମିଳେ ।

# ଗେମିଂ ଶିଳ୍ପରେ ଅଭିବୃଦ୍ଧି

**ଡକ୍ଟର ପ୍ରଦୀପ ମହାପାତ୍ର**
ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ଅନଲାଇନ ଭର୍ଚୁଆଲ ପରିବେଶରେ କ୍ରୀଡ଼ା 'ଗେମିଂ' ନାମିତ । ଖ୍ୟାତନାମା ବ୍ୟବସାୟ ଗବେଷଣା ପ୍ରତିଷ୍ଠାନ 'କେପିଏମଜି'ର 'ମିଡ଼ିଆ ଏଣ୍ଡ ଏଣ୍ଟରଟେନମେଣ୍ଟ ରିପୋର୍ଟ ୨୦୨୧'ଅନୁଯାୟୀ ଭାରତରେ ମାର୍ଚ୍ଚ ୨୦୨୦ ସୁଦ୍ଧା ଗେମିଂ ଉପଭୋକ୍ତାଙ୍କ ସଂଖ୍ୟା ୩୬ କୋଟି ୫୦ ଲକ୍ଷ ହିସାବ କରାଯାଇଥିଲା । ଉଲ୍ଲେଖନୀୟ ବିଷୟ ଏହି ଯେ ଏଥିମଧ୍ୟରୁ ୮୫ ପ୍ରତିଶତ ମୋବାଇଲ ଫୋନ ଯୋଗେ ଖେଳୁଥିବା ସ୍ଥଳେ ଡେ଼ସ୍କଟପରେ ୧୧ ପ୍ରତିଶତ ଓ ଟେବଲେଟରେ ୪ ପ୍ରତିଶତ ଖେଳୁଥିଲେ । ଏମାନଙ୍କ ମଧ୍ୟରେ ୬୦ ପ୍ରତିଶତ ୨୫ ବର୍ଷରୁ କମ ବୟସର ଖେଳାଳୀ । ଦେଶର ମୋଟ ଜନସଂଖ୍ୟାର ୫୦ ପ୍ରତିଶତ ୨୫ ବର୍ଷରୁ କମ ବୟସବର୍ଗରେ ଅନ୍ତର୍ଭୁକ୍ତ ହେଉଥିବା ହେତୁ ଏଠାରେ ଗେମିଂ ଶିଳ୍ପର ବ୍ୟାପକ ଅଭିବୃଦ୍ଧି ଆକଳନ କରାଯାଇଥାଏ ।

ଭାରତରେ ଗେମିଂ ଶିଳ୍ପର ଆର୍ଥିକ କାରବାର ୨୦୨୦ରେ ପ୍ରାୟ ପନ୍ଦର ହଜାର କୋଟି ଟଙ୍କା ଥିବା ସ୍ଥଳେ ୨୦୨୬ ସୁଦ୍ଧା ଦ୍ୱିଗୁଣିତ ହୋଇ ତିରିଶି ହଜାର କୋଟି ଟଙ୍କାରେ ପହଞ୍ଚିବ । ୨୦୨୦ରୁ ୨୦୨୨ ଦୁଇ ବର୍ଷ ମଧ୍ୟରେ ଅଧିକା ଚାରି କୋଟି ନୂତନ ଗେମିଂ ଉପଭୋକ୍ତା ଯୋଗ ଦେବେ ଏବଂ ୨୦୨୨ରେ ବାର୍ଷିକ ରାଜସ୍ୱ ବାବଦରେ ୨୯ ହଜାର କୋଟି ଟଙ୍କା ଯାଏଁ ଆଦାୟ ହେବା ଅନ୍ୟ କେତେକ ସୂତ୍ରରୁ ପୂର୍ବାନୁମାନ କରାଯାଇଛି । ସବୁଠାରୁ ବଡ଼ କଥା ହେଲା ଗେମିଂ ଶିଳ୍ପରେ ଦେୟଯୁକ୍ତ ଗ୍ରାହକଙ୍କ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଇ ଚାଲିଛି ।

ଅନ୍ୟତମ ଅନଲାଇନ ବ୍ୟବସାୟ ଗବେଷଣା ପ୍ରତିଷ୍ଠାନ 'ରେଡ଼ସିର' ଓ 'ଲୁମିକାଇ' ଆନୁକୂଲ୍ୟରେ ପ୍ରସ୍ତୁତ 'ଇଣ୍ଡିଆ ଗେମିଂ ରିପୋର୍ଟ ୨୦୨୧'ରେ ପ୍ରକାଶିତ ତଥ୍ୟ ଅନୁଯାୟୀ ୨୦୨୦ରେ ଗେମିଂ ପରିଧିରେ ମାତ୍ର ଆଠ କୋଟି ଦେୟଯୁକ୍ତ ଗ୍ରାହକ ଥିବା ସ୍ଥଳେ ୨୦୨୫ରେ ସେମାନଙ୍କ ସଂଖ୍ୟା ୨୩ କୋଟି ୫୦ ଲକ୍ଷକୁ ବୃଦ୍ଧି ପାଇବା ଆଶା କରାଯାଉଛି । ବିପୁଳ ସଂଖ୍ୟାରେ ଉପଭୋକ୍ତା ଗ୍ରାହକ ଚାନ୍ଦା ଦେବା ଫଳରେ ଗେମିଂ ଶିଳ୍ପରେ ନିବେଶ ବଢୁଛି ଏବଂ କ୍ରମାଗତଭାବେ ନୂତନ ଖେଳ ବିକଶିତ ହେବାରେ ଲାଗିଛି । ଅପରପକ୍ଷେ ଦେଶରେ ଇଣ୍ଟରନେଟର ବ୍ୟାପ୍ତି, ସ୍ମାର୍ଟଫୋନ ବ୍ୟବହାର ଓ ଅନଲାଇନ ପରିବେଶରେ ଦୈନିକ ଭିତ୍ତିରେ ଉପସ୍ଥିତି ସମୟସୀମା ବୃଦ୍ଧି ଗେମିଂ ଶିଳ୍ପର ଅଭିବୃଦ୍ଧିରେ ସହାୟକ ହୋଇ ପାରୁଛି । ଭାରତୀୟ ପରିବେଶରେ ଏହି ଧାରା ଅବ୍ୟାହତ ରହିବା ନିଶ୍ଚିତ ଥିବା ହେତୁ ଭବିଷ୍ୟତ ଉଜ୍ଜଳ କୁହାଯାଇ ପାରେ ।

ଆନ୍ତର୍ଜାତିକ ସ୍ତରରେ ଗେମିଂ ଶିଳ୍ପରେ ଶୀର୍ଷସ୍ଥାନ ଅଧିକାର କରୁଥିବା ପାଞ୍ଚଗୋଟି ରାଷ୍ଟ୍ର ମଧ୍ୟରେ ଭାରତ ସ୍ଥାନିତ । ଏଠାରେ ଯେକୌଣସି ସମୟରେ ବିଶ୍ୱବ୍ୟାପୀ ସମଗ୍ର ଅନଲାଇନ ଖେଳର ୧୩ ପ୍ରତିଶତ ଖେଳା ଯାଇଥାଏ । 'ଭାଇରଲ ଫିଜନ' ନାମକ ପ୍ରତିଷ୍ଠାନ ଦ୍ୱାରା ଦୁଇ ହଜାରରୁ ଉର୍ଦ୍ଧ କଲେଜ ପଢୁଆ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜିତ ଏକ ସର୍ବେକ୍ଷଣରୁ ଜଣାଯାଇଥିଲା ଯେ ଭାରତରେ ୫୮.୬ ପ୍ରତିଶତ ଦୈନିକ ଘଣ୍ଟାକରୁ କମ ସମୟ ଅନଲାଇନ ଗେମ ଖେଳୁଥିବା ସ୍ଥଳେ, ୩୬.୮ ପ୍ରତିଶତ ଘଣ୍ଟାଏରୁ ତିନି ଘଣ୍ଟା ଏବଂ ୬.୩ ପ୍ରତିଶତ ତିନି ଘଣ୍ଟାରୁ ଅଧିକ ଖେଳିଥାନ୍ତି । କୋଭିଡ଼-୧୯ ମହାମାରୀ କାଳରେ ଦୀର୍ଘ ସମୟ ଗୃହାବଦ୍ଧ ରହିବା ପରିବେଶ ଅନଲାଇନ ଗେମର ଉପଭୋକ୍ତା ସଂଖ୍ୟା ବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ବୋର୍ଡ ଗେମସ, ଆର୍କାଡ଼, ବେଟେଲ ରୟାଲ ଏଣ୍ଡ ଷ୍ଟାର୍ଟାର୍ଜି ଭଳି ଅନଲାଇନ ଖେଳ ସହଜରେ ଉପଲବ୍ଧ ଥିବା ଏବଂ ବୃଦ୍ଧି ହେଉଥିବା ହେତୁ ଅଧିକ ଲୋକପ୍ରିୟତା ହାସଲ କରିଥିବା ସର୍ବେକ୍ଷଣରୁ ଜଣାପଡ଼ିଥିଲା ।

ଦେଶରେ ସହରୀକରଣ ଧାରା ତ୍ୱରାନ୍ୱିତ ହେଉଥିବା, ଯୁବବର୍ଗର ସମସ୍ତେ ସ୍ମାର୍ଟଫୋନ ଅକ୍ତିଆର କରିବା ନିମନ୍ତେ ଯତ୍ନବାନ ହେଉଥିବା, ଗେମିଂ ଶିଳ୍ପ ପକ୍ଷରୁ ମୋବାଇଲ-ଫାଷ୍ଟ ନୀତିରେ ସ୍ମାର୍ଟଫୋନ ଅନୁକୂଳ ନୂଆ ଖେଳ ପ୍ରସ୍ତୁତିକୁ ଅଗ୍ରାଧିକାର ଦେଉଥିବା ଏବଂ ୧୮ ରୁ ୨୪ ବୟସ ବର୍ଗର ଯୁବ ପୀଢ଼ି ନୂଆ ନୂଆ ଅନଲାଇନ ଗେମ ଖେଳିବା ପାଇଁ ଟିଟୋରିଆଲ ଅଧ୍ୟୟନ ଯୋଗେ ନିଜକୁ ପ୍ରସ୍ତୁତ କରିପାରୁଥିବା ଗେମିଂ ସଂସ୍କୃତିର ବ୍ୟାପକ ପ୍ରସାରରେ ସହଯୋଗ କରୁଛି ।

ଅନଲାଇନ ଗେମିଂ ଶିଳ୍ପରେ କ୍ରମାଗତଭାବେ ଆର୍ଥିକ ନିବେଶ ବୃଦ୍ଧି ପାଇବାରେ ଲାଗିଛି । 'ଇଣ୍ଡିଆ ଗେମିଂ ରିପୋର୍ଟ ୨୦୨୧'ରେ ପ୍ରକାଶିତ ତଥ୍ୟ ଅନୁଯାୟୀ ୨୦୨୦ରେ ପ୍ରାୟ ଅଢ଼େଇ ହଜାର କୋଟି ଟଙ୍କା ଗେମିଂ ଶିଳ୍ପରେ ନିବେଶ ହୋଇଥିବା ବେଳେ ୨୦୨୧ରେ ତାହା ଛଅ ହଜାର କୋଟିକୁ ବୃଦ୍ଧି ପାଇଛି । ଫଳରେ ସର୍ଜନଶୀଳ ଗେମିଂ କମ୍ପାନୀଙ୍କ ସଂଖ୍ୟା ମଧ ବଢୁଛି । ମୋଟାମାଟି ଭାବେ ୨୦୨୧ ସୁଦ୍ଧା ଭାରତରେ ଗେମିଂ ଶିଳ୍ପର ବୟସ ୧୨ ବର୍ଷରେ ପହଞ୍ଚିଥିବା ବେଳେ ଶେଷ ଦୁଇ ତିନି ବର୍ଷ ମଧ୍ୟରେ ନୂଆ ଦୁଇ ଶହ ଗେମ ପ୍ରସ୍ତୁତକର୍ତ୍ତା କମ୍ପାନୀ ଆରମ୍ଭ ହୋଇଥିବା ଜଣାଯାଏ ।

ଗେମିଂ ଶିଳ୍ପର ବିକାଶରେ 'କ୍ଲାଉଡ଼ କମ୍ପ୍ୟୁଟିଂ' ମଧ ଅନୁକୂଳ ପରିବେଶ ସୃଷ୍ଟି କରିଛି । କ୍ଲାଉଡ଼ କମ୍ପ୍ୟୁଟିଂ ଉପଯୋଗରେ ଗୁଣାତ୍ମକ ଖେଳଗୁଡ଼ିକ ଲାପଟପ, ଟେବଲେଟ ଓ ମୋବାଇଲ ଫୋନଯୋଗେ ଖେଳିବା ସଂଭବପର ହୋଇପାରୁଛି । ପୂର୍ବ ବ୍ୟବହୃତ ଡେ଼ସ୍କଟପ କିମ୍ବା ଖେଳ ପାଇଁ ସ୍ୱତନ୍ତ୍ର ଉପକରଣମାନ କ୍ରମଶଃ ଅଲୋଡ଼ା ହୋଇପଡୁଛି । ଉଚ୍ଚକ୍ଷମତା ସମ୍ପନ୍ନ ସ୍ମାର୍ଟଫୋନର ପ୍ରସାର ହେତୁ ବହୁ ଉପଭୋକ୍ତାଙ୍କ ହାତରେ ଗେମିଂ ଖେଳିବା ପାଇଁ ସାଧନ ତଥା ଅବସର ପାଇବା ମାତ୍ରେ ଖେଳିବାର ସୁଯୋଗ ଉପଲବ୍ଧ ହୋଇପାରୁଛି ।

ଭାରତରେ ଆପାତତଃ ଗେମିଂ ଶିଳ୍ପ ଆତ୍ମନିୟନ୍ତ୍ରିତ । ତେବେ ଅନଲାଇନ ଗେମକୁ ନେଇ ବିଭିନ୍ନ ରାଜ୍ୟରେ ବିଭିନ୍ନ ନୀତି ନିୟମ ଉପଯୋଗ ହୋଇଥାଏ । କର୍ଣ୍ଣାଟକ ପକ୍ଷରୁ ଅର୍ଥ ଦେଣନେଣ ସଂଯୁକ୍ତ ସମସ୍ତ ଅନଲାଇନ ଗେମକୁ ନିଷିଦ୍ଧ କରାଯାଇଛି । ତାମିଲନାଡୁରେ ଅନୁରୂପ ଆଇନ ପ୍ରଣୟନ ହୋଇଥିଲା, କିନ୍ତୁ ଅଗଷ୍ଟ ୨୦୨୧ରେ ତାହା ପ୍ରତ୍ୟାହାର କରି ନିଆଗଲା । ଓଡ଼ିଶା ସମେତ ତେଲଙ୍ଗନା, ଆନ୍ଧ୍ର ପ୍ରଦେଶ, କେରଳ ଓ ଆସାମରେ ଅନଲାଇନ ଗେମରେ ଜୁଆକୁ ନିରୁତ୍ସାହିତ କରାଯାଉଛି ।

ମୂଳତଃ ଅନଲାଇନ ଗେମକୁ ଦୁଇ ଭାଗରେ ବିଭକ୍ତ କରାଯାଏ – ପ୍ରଥମଟି କୌଶଳ ଭିତ୍ତିକ 'ସ୍କିଲ ବେସଡ଼' ଏବଂ ଦ୍ୱିତୀୟଟି ସମ୍ଭାବନା ଭିତ୍ତିକ 'ଚାନ୍ସ ବେସଡ଼' । ସ୍କିଲବେସଡ଼ ଗେମ ପ୍ରତି ଆଇନଗତ ପ୍ରତିବନ୍ଧକ ନ ଥାଏ, ତେବେ ଚାନ୍ସବେସଡ଼ ଗେମ ପ୍ରତି କଟକଣାମାନ ଲାଗୁ କରାଯାଏ । ସ୍କିଲବେସଡ଼ ଗେମ ପ୍ରତିଦ୍ୱନ୍ଦୀମାନଙ୍କ ମଧ୍ୟରେ ଖେଳା ଯାଉଥିବା ସ୍ଥଳେ ଚାନ୍‌ସବେସଡ଼ ଗେମ ଖେଳ ଆୟୋଜନକାରୀ ବ୍ୟାବସାୟିକ ସଂସ୍ଥା ସହ ଖେଳିବା ପ୍ରାବଧାନ ଥାଏ । ନ୍ୟାୟିକ ବ୍ୟବସ୍ଥାରେ ପ୍ରତିଦ୍ୱନ୍ଦୀମାନଙ୍କ ଗହଣରେ ଖେଳ ପ୍ରତି ଉଦାର ମନୋଭାବ ପୋଷଣ କରାଯାଉଥିବା ସ୍ଥଳେ ବ୍ୟାବସାୟିକ ଖେଳକୁ ବାରଣ କରାଯାଏ ।

ଅନଲାଇନ ଗେମରେ ଉପଭୋକ୍ତାଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଥିବା ହେତୁ ଜୁଆଖେଳକୁ କିପରି ରୋକାଯାଇ ପାରିବ ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଇବା ସ୍ୱାଭାବିକ । ଅପରପକ୍ଷେ ଗେମିଂ ଏକ ବୃହତଶିଳ୍ପ ଆକାର ଧାରଣ କରୁଥିବା କାରଣରୁ ନିଯୁକ୍ତି କ୍ଷେତ୍ର ପ୍ରଶସ୍ତ ହେବା ଏବଂ ଏଥି ନିମନ୍ତେ ତାଲିମ ପ୍ରାପ୍ତ ଶ୍ରମଶକ୍ତି ପ୍ରସ୍ତୁତ କରିବା ନିମନ୍ତେ ଉଚ୍ଚତର ଶିକ୍ଷାନୁଷ୍ଠାନଗୁଡ଼ିକରେ ପାଠ୍ୟକ୍ରମ ପ୍ରଣୟନ ଆବଶ୍ୟକତା ଅନୁଭୂତ ହୁଏ ।

## ଗୋଲମରିଚର ଉପକାରିତା

ଗୋଲମରିଚକୁ ଆମେ ମସଲା ରୂପେ ବ୍ୟବହାର କରୁ ଏଥି ସହିତ ସ୍ୱାସ୍ଥ୍ୟ ପାଇଁ ମଧ ଖୁବ୍ ଉପକାରୀ । ଏହା ଷ୍ଟାମିନା ବଢ଼ାଇବା ସହିତ ଦୁର୍ବଳତାକୁ ମଧ ଦୂର କରେ । ଆହୁରି ମଧ ଅନେକ ରୋଗରୁ ମୁକ୍ତି ଦିଏ ଗୋଲମରିଚ ।



ଯଦି ଆପଣ ଅଚାନକ ଦୁର୍ବଳତା ଅନୁଭବ କରୁଛନ୍ତି ତେବେ ଆଦୌ ଚିନ୍ତା କରନ୍ତୁ ନାହିଁ, ଗରମ ପାଣିରେ ଗୋଲମରିଚ ଗୁଣ୍ଡ ପକାଇ ପିଅନ୍ତୁ । କିଛି ଦିନ ଏମିତି ନିୟମିତ ପିଇବା ଫଳରେ ଆପଣ ନିଜକୁ ସୁସ୍ଥ ଅନୁଭବ କରିବା ସହିତ ଷ୍ଟାମିନା ବଢ଼ିଥାଏ ।

ଗବେଷଣା ଅନୁସାରେ ଗରମ ପାଣିରେ ଗୋଲମରିଚ ଗୁଣ୍ଡର ବାସ୍ନା ନେବା ଫଳରେ ଧୂମପାନ ଅଭ୍ୟାସ ଅଳ୍ପ ଦିନ ଭିତରେ ଦୂରହୋଇଯିବ ବୋଲି ଜଣାପଡିଛି ।

ଗୋଲମରିଚ ଟେଷ୍ଟିଷ୍ଟୋରେନର ସ୍ତରକୁ ବଢ଼ାଇବା ସହିତ ଜିଙ୍କ ଓ ମ୍ୟାଗ୍ନେସିୟମକୁ ବଢ଼ାଇଥାଏ ଫଳରେ ପୁରୁଷଙ୍କ ସେକ୍ସ ହର୍ମୋନ ପାଇଁ ଅତି ଆବଶ୍ୟକ ତତ୍ତ୍ୱ । ଗୋଲମରିଚରେ ସ୍ପର୍ମ କାଉଣ୍ଟ ବଢ଼ାଇବାର କ୍ଷମତା ରହିଛି ।

ବର୍ଷାଦିନରେ ସର୍ଦ୍ଦି ଓ ଥଣ୍ଡା ଯୋଗୁଁ ବହୁ ଲୋକ କଷ୍ଟ ଅନୁଭବ କରିଥାନ୍ତି । ଥଣ୍ଡା କବଳରୁ ରକ୍ଷା ପାଇବା ପାଇଁ ଏହାକୁ ଅଦା ସହିତ ମିଶାଇ ଚା' କରି ପିଇବା ଫଳରେ ଥଣ୍ଡା ରୋଗରୁ ମୁକ୍ତି ମିଳେ ।

ଗୋଲ ମରିଚକୁ ଗରମ ପାଣିରେ ନିୟମିତ ପିଇବା ଫଳରେ ଏହା ଆପଣଙ୍କ ଶରୀରର ଜଳୀୟ ଅଂଶ କମି ଦୂର କରେ ।

କବଜକୁ ଦୂର କରିବା ପାଇଁ ଗୋଲମରିଚ ଗୁଣ୍ଡ ରାମବାଣ ପରି କାମ କରେ ଏହାକୁ ଖାଲିପେଟରେ ଗରମ ପାଣି ସହିତ ପିଅନ୍ତୁ । ଏହା ଏସିଡିଟି ମଧ ଦୂର କରେ ।

ଗୋଲମରିଚକୁ ଗରମ ପାଣିରେ ଖାଲି ପେଟରେ ପିଇଲେ ଏଥିରେ ଥିବା ଆଇରନ କମି ପୂରଣ କରିବା ସହିତ ଶରୀରରେ ରକ୍ତ ସୃଷ୍ଟି କରେ ଓ ଆନେମିଆ ରୋଗରୁ ମୁକ୍ତି ଦେଇଥାଏ ।

## ହୃତ୍‌ପିଣ୍ଡକୁ ସୁରକ୍ଷିତ ରଖିବ ଏନିମିଆ ଔଷଧ

ରକ୍ତ ଅଭାବ ଦୂର କରିବାକୁ ବ୍ୟବହାର କରାଯାଉଥିବା ଔଷଧ ହୃତପିଣ୍ଡକୁ ମଧ ସୁରକ୍ଷା ଦେବାରେ ସକ୍ଷମ । ବୈଜ୍ଞାନିକମାନେ ଏକ ଗବେଷଣାରୁ ଏହା ଜାଣିବାକୁ ପାଇଛନ୍ତି । ଗବେଷଣାରେ ଏନିମିଆ ଔଷଧର ପ୍ରୟୋଗରେ ଲୋକଙ୍କ ମଧ ଟାଇପ୍-୨ ଡାଏବିଟିସ୍ ନିୟନ୍ତ୍ରିତ ହେବା ସହ ହୃଦରୋଗ ଆଶଙ୍କା ହ୍ରାସ ପାଇଥିବା ଜଣାପଡିଛି । ଗବେଷଣାରୁ ସାମ୍ନାକୁ ଆସିଛି ଯେ, ହାର୍ଟଆଟାକ ହେବା ପରେ ଏଚଆଇଏଫ୍ ନାମକ ପ୍ରୋଟିନ୍ ହୃତପିଣ୍ଡ ସେଲ୍ସକୁ ରକ୍ଷା କରିବାରେ ସାହାଯ୍ୟ କରିଥାଏ । କିନ୍ତୁ ଯେଉଁ ବ୍ୟକ୍ତି ମଧୁମେହ ଗ୍ରସ୍ତ, ସେମାନଙ୍କ ହୃତପିଣ୍ଡର ମାଂସପେଶୀରେ ଫ୍ୟାଟ୍ ପହଞ୍ଚି ଯାଇଥାଏ, ଯଦ୍ୱାରା ଏଚଆଇଏଫ୍ ପ୍ରୋଟିନ୍ ସକ୍ରିୟ ହୋଇପାରେ ନାହିଁ । ଏହାର ଅର୍ଥ ଏଭଳି ବ୍ୟକ୍ତିଙ୍କ ହୃତପିଣ୍ଡର ମାଂସପେଶୀକୁ ହାନି ପହଞ୍ଚିବା ସମ୍ଭାବନା ଅଧିକ ଥାଏ । ହାର୍ଟ ଆଟାକ୍ ଆସିବା ପରେ ସେମାନଙ୍କ ପାଇଁ ସ୍ଥିତି ଅତ୍ୟନ୍ତ ବିପଜ୍ଜନକ ହୋଇପଡ଼େ । ଗବେଷଣାର ପ୍ରମୁଖ ବିଶେଷଜ୍ଞ ଏବଂ




ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଗବେଷକ ଲିଜା ହେଥରଙ୍କ ଅନୁସାରେ, ଯେଉଁ ବ୍ୟକ୍ତି ଟାଇପ-୨ ଡାଏବେଟିସ୍‌ରେ ପୀଡ଼ିତ, ସେମାନଙ୍କ ଠାରେ ହାର୍ଟ ଆଟାକ୍ ଆସିଲେ ହାର୍ଟଫେଲ୍ ହେବାର ଆଶଙ୍କା ଅଧିକ ଥାଏ । କିନ୍ତୁ ଗବେଷଣାରେ ମଧୁମେହରେ ଗ୍ରସିତ ମୂଷାଙ୍କ ଉପରେ ଏଚଆଇଏଫ୍ ପ୍ରୋଟିନକୁ ସକ୍ରିୟ କରାଯିବା ପରେ ଦେଖାଗଲା ହାର୍ଟଆଟାକ୍ ପରେ ମଧ ବ୍ୟକ୍ତି ସୁସ୍ଥ ରହିଛି । ଏହି ପ୍ରୋଟିନ୍ ଏନିମିଆ ଦୂର କରୁଥିବା ଔଷଧରେ ମଧ ସାମିଲ ଅଛି ।

## ବାୟୁ ପ୍ରଦୂଷଣ କିଡ଼ନୀ ରୋଗର କାରଣ

ଏକ ଅଧ୍ୟୟନରୁ ଜାଣିବାକୁ ମିଳିଛି ଯେ, ବାୟୁ ପ୍ରଦୂଷଣ କ୍ରୋନିକ କିଡନୀ ଡ୍ୟାମେଜ (ସିକେଡି)ର ଆଶଙ୍କାକୁ ବଢ଼ାଇଥାଏ । କିଡ଼ନୀ ଖରାପ ହୋଇଯିବା ତଥା କିଡ଼ନୀ ରକ୍ତକୁ ଶୁଦ୍ଧ କରିବାରେ ସକ୍ଷମ ନ ହେଲେ ଏପରି ହେବାର ସମ୍ଭାବନା ଥାଏ । ମଧୁମେହ, ଉଚ୍ଚ ରକ୍ତଚାପ ଏବଂ ହୃଦ୍ ରୋଗୀଙ୍କ ଠାରେ କ୍ରୋନିକ କିଡନୀ ଡ୍ୟାମେଜର ଆଶଙ୍କା ଅଧିକ । ପିଏମ ୨.୫ ବ୍ୟତୀତ ସୀମା, ମରକ୍ୟୁରି ଏବଂ କ୍ୟାଡ଼ ମିୟମ ପରି ଭାରି ଧାତୁ ଏଥିରେ ରହିଥାଏ । ସେହିପରି ଧୂମପାନ ଆଉ ପ୍ରଦୂଷିତ ବାୟୁରେ ବିଷାକ୍ତ ହାନିକାରକ ପଦାର୍ଥ ସିଧା କିଡ଼ନୀକୁ ପ୍ରଭାବିତ କରିଥାଏ ବୋଲି ପ୍ରମୁଖ ଗବେଷକ କହିଛନ୍ତି ।



କିଡ଼ନୀ ଦ୍ୱାରା ଅଧିକ ମାତ୍ରାରେ ରକ୍ତ ପ୍ରବାହିତ ହୋଇଥାଏ । କୌଣସି ପଦାର୍ଥ ରକ୍ତ ସଞ୍ଚାଳନ ପ୍ରକ୍ରିୟାକୁ କ୍ଷତି ପହଞ୍ଚାଇଲେ ପ୍ରଥମ କିଡ଼ନୀ ହିଁ ପ୍ରଭାବିତ ହୋଇଥାଏ । ତେବେ ଏହା ପୂର୍ବରୁ କରାଯାଇଥିବା ଅଧ୍ୟୟନରେ ଜଣାପଡିଥିଲା ଯେ ବାୟୁ ପ୍ରଦୂଷଣରେ ଶ୍ୱାସ ସମ୍ବନ୍ଧୀୟ ରୋଗ ଯେପରିକି ଆଜମା, ମଧୁମେହ ପରି ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ରୋଗ ମଧ ସୃଷ୍ଟି ହୋଇଥାଏ । ଯଦି କମ୍ ପ୍ରଦୂଷିତ ଅଞ୍ଚଳ ସହିତ ଅଧିକ ପ୍ରଦୂଷିତ ଅଞ୍ଚଳର ତୁଳନା କରାଯିବ ତା' ହେଲେ ଅଧିକ ପ୍ରଦୂଷିତ ବାୟୁରେ କିଡନୀ ରୋଗ ସମସ୍ୟା ଅଧିକ ଦେଖାଯାଏ ।

## ଆପଣ ଜାଣନ୍ତି କି ?

- ଶହେ ମିଲିୟନ୍ ବର୍ଷ ତଳେ ଭାରତ ଏକ ଦ୍ୱୀପ ମାତ୍ର ଥିଲା ।
- ଇନ୍ଦୁସ୍ ନଦୀ ନାମରୁ ଇଣ୍ଡିଆ ନାମ କରଣ ହୋଇଛି ।
- ଇନ୍ଦୁସ୍ ଉପତ୍ୟକାରେ ଗଢ଼ି ଉଠିଥିବା ସଭ୍ୟତା ହେଉଛି ସାରା ବିଶ୍ୱର ସବୁଠାରୁ ପୁରାତନ ସଭ୍ୟତା ।
- ଭାରତ ହେଉଛି ପୃଥିବୀର ସବୁଠାରୁ ପୁରାତନ ପ୍ରଗତିଶୀଳ ସଭ୍ୟତା ।
- ଜାତିସଂଘର ଶାନ୍ତି ସୁରକ୍ଷା ମିଶନ ଆରମ୍ଭରୁ ଭାରତ ସବୁଠାରୁ ବଡ଼ ସଙ୍ଗଠକ ଭାବେ କାର୍ଯ୍ୟ କରି ଆସୁଛି ।
- ବୃହତ୍ତମ ତଥା ସକ୍ରିୟ ସେନା ରଖିବାରେ ଆମେରିକା, ଚୀନକୁ ଛାଡି ଦେଲେ ଭାରତ ହେଉଛି ପୃଥିବୀର ତୃତୀୟ ଦେଶ ।
- ଭାଟିକାନ୍ ସିଟି ଓ ମକ୍କା ପରିଦର୍ଶନ କରିବାକୁ ଯାଉଥିବା ପର୍ଯ୍ୟଟକଙ୍କ ଦୁଇଗୁଣ ପର୍ଯ୍ୟଟକ ବାଲାଜୀ ମନ୍ଦିର ଓ କାଶୀବିଶ୍ୱନାଥ ମନ୍ଦିର ପରିଦର୍ଶନ କରିଥାନ୍ତି ।
- ବାରଣାସୀ ପୃଥିବୀର ସର୍ବ ପୁରାତନ ସହର ଭାବେ ଏବେ ବି ପ୍ରତିଷ୍ଠା ଲାଭ କରିଛି ।
- ଅନ୍ୟ ଦେଶଗୁଡିକଠାରୁ ଭାରତରେ ଅଧିକ ମସଜିଦ୍ ରହିଛି । ପ୍ରାୟ ୩ ଲକ୍ଷ ।
- ମୁସଲମାନ ବହୁଳ ରାଷ୍ଟ୍ରଭାବେ ଭାରତ ସାରା ବିଶ୍ୱରେ ତୃତୀୟ ସ୍ଥାନ ଅଧିକାର କରିଛି ।
- ତକ୍ଷଶୀଳା ହେଉଛି ପୃଥିବୀର ସର୍ବ ପ୍ରଥମ ତଥା ସର୍ବ ପୁରାତନ ବିଶ୍ୱବିଦ୍ୟାଳୟ । ଏହାକୁ ଖ୍ରୀଷ୍ଟ ପୂର୍ବ ୭୦୦ ମସିହାରେ ପ୍ରତିଷ୍ଠା କରାଯାଇଥିଲା ।

## କହିପାରିବେ କି ?

୧) ଭାରତରେ 'ଫିଲ୍ମ ଫେୟାର' ପୁରସ୍କାର ଆରମ୍ଭ କେଉଁ ବର୍ଷ ହୋଇଥିଲା ?
(୨) ଯାମିନୀ କୃଷ୍ଣମୂର୍ତ୍ତିଙ୍କ ସମ୍ପର୍କ କେଉଁ ନୃତ୍ୟ ସହିତ ରହିଥିଲା ?
(୩) ସୁନାର ଶୁଦ୍ଧତା କେଉଁଥିରେ ପରିଭାଷିତ ହୋଇଥାଏ ?
(୪) ବିଦ୍ୟୁତ୍ ବଲ୍‌ବରେ କେଉଁ ଗ୍ୟାସ୍ ଥାଏ ?
(୫) ଟୋକିଓ ଅଲିମ୍ପିକ୍ ୨୦୨୦ ରେ ସବୁଠୁ ଅଧିକ ପଦକ ଜିତିଥିବା ଦେଶ କିଏ ?
(୬) ମିର୍ଜା ଗାଲିବ କେଉଁ ସମ୍ରାଟଙ୍କ ସମୟରେ ଥିଲେ ?
(୭) ୧୮୫୭ ସିପାହୀ ବିଦ୍ରୋହର ଆରମ୍ଭ କେଉଁଠୁ ହୋଇଥିଲା ?
(୮) ବିଶ୍ୱ ହାସ୍ୟ ଦିବସ କେବେ ପାଳନ କରାଯାଏ ?
(୯) କେଉଁ ନଦୀକୁ ବିହାରର ଦୁଃଖ କୁହାଯାଏ ?
(୧୦) ଭାରତର ପ୍ରଥମ ସୌରଚାଳିତ ରେଲୱେ ଷ୍ଟେସନ୍ କେଉଁଠାରେ ସ୍ଥାପନା କରାଯାଇଥିଲା ?

### JUMBLE WORDS

| | | | | | |
|---|---|---|---|---|---|
| 1) NTEIP | = | | 6) NGIRW | = | |
| 2) DEIUG | = | | 7) GNOREL | = | |
| 3) TEROBT | = | | 8) NTOAAS | = | |
| 4) WORDAT | = | | 9) HIGET | = | |
| 5) KEYRP | = | | 10) VORCE | = | |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧.ମତ୍ସ୍ୟ, ୨.ଅମ୍ବିକା, ୩. ପର୍ଶୁରାମ, ୪.କୁବେର, ୫. ମାୟାସୁର, ୬. ଜିରାଫ୍, ୭. ଚର୍ମ, ୮.ଜାପାନ, ୯.ଚିତାବାଘ, ୧୦.ବେଞ୍ଜାମିନ୍ ଫ୍ରାଙ୍କଲିନ ।

***Jumble Words*** ର ଉତ୍ତର :-

(1) ODDEST (2) DOLLY (3) PRIZE (4) SKINNY (5) OUTAGE
(6) UNITY (7) BEIGE (8) FIDDLE (9) GLITZY (10) OMEGA

# ମାର୍ଗଶୀର ମାସ- ଗୁରୁବାର ବ୍ରତର ମହତ୍ତ୍ୱ

**ଶ୍ରୀ**ମଦ୍ ଭାଗବତ ଗୀତାରେ ଭଗବାନ ବିଷ୍ଣୁ ସ୍ୱୟଂ ଅର୍ଜୁନଙ୍କୁ କହିଛନ୍ତି ଯେ, ଋତୁ ମାନଙ୍କରେ ମୁଁ ହେଉଛି ବସନ୍ତ ଋତୁ ଓ ମାସମାନଙ୍କ ମଧରେ ମୁଁ ହେଉଛି ମାର୍ଗଶୀର ମାସ, ତେଣୁ ଏହି ପବିତ୍ର ପୁଣ୍ୟମୟ ମାର୍ଗଶୀର ମାସରେ ଚାରିପାଲି ଗୁରୁବାର ପୂଜା ପାଇଁ ସମସ୍ତ ନର, ନାରୀ ଆନନ୍ଦର ସହିତ ଏହି ପୂଜା ଆରାଧନା ପର୍ବଦିନ ଗୁଡିକୁ ଆଗ୍ରହର ସହିତ ଭକ୍ତିପୂତ ମନରେ ପାଳନ କରିଥାନ୍ତି ।

କହିବାକୁ ଗଲେ ଏହି ମାସଟି ମଧ ମହାଲକ୍ଷ୍ମୀ ସମସ୍ତଙ୍କୁ ବିମୋହିତ କରି ରଖିଥାନ୍ତି ଏବଂ ଅଶେଷ ଶକ୍ତି ମଧ ମନ ଭିତରେ ଭରି ଦେଇଥାନ୍ତି । ଯାହାକି ଥରେ ମା'ଙ୍କ ପୂଜାରେ ମନ ନିବେଶ କରେ ଝୋଟି ଚିତା ଠାରୁ ପୂଜାଦ୍ରବ୍ୟ ସବୁ ସଜାଡି ହୋଇଯାଏ ନିବିଘ୍ନରେ ପୂଜା ଉପଚାର ମଧ ଲକ୍ଷ୍ମୀଙ୍କ କୃପାରୁ ଆପେ ଆପେ ପ୍ରସ୍ତୁତ ହୋଇଯାଏ । ଆମେ କିଛି ଚିନ୍ତା କରିବା ପୂର୍ବରୁ ସକଳ ଭୋଗ ନୈବେଦ୍ୟ ପ୍ରସ୍ତୁତ କରି ସମର୍ପଣ କରି ସାରି ଥାଉ ।

ମହାଲକ୍ଷ୍ମୀଙ୍କର ପୁରାଣ ସ୍ତୁତି ଗାନ କରିଥାଉ । ଆମକୁ ଜଣାନାହିଁ, ପୂଜା ପଦ୍ଧତି, ଭଜନ ବା ଆରାଧନା, ଆବାହନ ବା ବିସର୍ଜନ, କ୍ଷମାକର ମା'ରମେଶ୍ୱରୀ କହି ଭକ୍ତି ଭାବରେ ମୁଣ୍ଡିଆଟିଏ ମା' ଲକ୍ଷ୍ମୀଙ୍କର ଆସ୍ଥାନ ତଳେ ମାରିଥାଉ । ସେହି ଭକ୍ତି ଭରା ପ୍ରଣାମଟି ମହାଲକ୍ଷ୍ମୀ ସାଦରେ ଗ୍ରହଣ କରନ୍ତି ବୋଲି ଆମର ବିଶ୍ୱାସ ରହିଛି । ତେଣୁ ପ୍ରତିବର୍ଷ ଏହି ପୂଜା ଗୁରୁବାର ଗୁଡିକରେ ବୈକୁଣ୍ଠର ପାଟରାଣୀ ମା' ଲକ୍ଷ୍ମୀ ନାରାୟଣୀ ସ୍ୱୟଂ ନାରାୟଣଙ୍କୁ ସଙ୍ଗରେ ନେଇ ମର୍ତ୍ତ୍ୟ ଭୁବନର ଏହି ଗୃହଲକ୍ଷ୍ମୀ ମାନଙ୍କ ପାଖରେ ଆସି ଉପସ୍ଥିତ ହୋଇଯାଆନ୍ତି । ଏହି ଆଗ୍ରହ ଓ ଭକ୍ତିପୂତ ହୃଦୟର ପୂଜା ନୈବେଦ୍ୟ ଗ୍ରହଣ କରିବା ପାଇଁ ଲକ୍ଷ୍ମୀଙ୍କ ବିନା ନାରାୟଣଙ୍କ ପୂଜା ଅସମ୍ଭବ, ସେହିପରି ନାରାୟଣଙ୍କ ବିନା ଲକ୍ଷ୍ମୀଙ୍କ ପୂଜା ନିରର୍ଥକ । ତେଣୁ ଦୁଇ ଜଣଙ୍କୁ ମିଶାଇ ପୂଜା ଅର୍ଚ୍ଚନା କଲେ ପରିପୂରକ ହୋଇଥାଏ । ତେଣୁ ଆମେ ଲକ୍ଷ୍ମୀନାରାୟଣଙ୍କୁ ପ୍ରଥମେ ପୂର୍ଣ୍ଣ କଳସ ବସାଇ ଆମ୍ବପତ୍ର, ଅଁଳା ପତ୍ର ଫୁଲ, ଦୁବ, ହଳଦୀ ମିଶା ଚାଉଳ ବନ୍ଦାପଣା କରି ନିମନ୍ତ୍ରଣ କରୁ ଆସ୍ଥାନରେ ବିଜେ କରିବା ପାଇଁ, ତାପରେ ଗନ୍ଧ ଚନ୍ଦନ, ସିନ୍ଦୁର ଦୁବ, ପୁଷ୍ପ ଦେଇ ସୁସଜ୍ଜିତ କରିଥାଉ ।



ପୂର୍ବରୁ ଷୋଳକୋଠି ପଦ୍ମର ଝୋଟି ଦେଇ ପୂଜା ଘରଟି ବହୁତ ସୁନ୍ଦର ଦିଶୁଥାଏ । ମାଣଗୁଡିକ ଚିତ୍ତାରେ ଝଟକୁ ଥାଏ । ଧାନବେଣୀ, ଚାଉଳ ବିରି, ମାଣ ଭିତରେ ଶୋଭା ପାଇଥାଏ । ଅଁଳା, ହଳଦୀ ବାଟି ମାଣ ଓ ଲକ୍ଷ୍ମୀନାରାୟଣଙ୍କୁ ଲଗାଇ ଦିଆଯାଏ ସେହି ଅଁଳା ହଳଦୀର ତିଳକକୁ ସ୍ୱୟଂ ଲକ୍ଷ୍ମୀନାରାୟଣ ଯମୁନା କୂଳରେ ଗୋପି ତିଲକ ଭାବରେ ଗ୍ରହଣ କରିଥାନ୍ତି । ତାପରେ ପଦ୍ମଫୁଲ ବା କଇଁଫୁଲ ମକମଲି ଫୁଲରେ ସଜାଇ ଆମ୍ବପତ୍ର ଅଁଳା ଡାଳର ତୋରଣ ସୁନ୍ଦର ଭାବରେ ରଖି ନାଲିପଟର ଓଢ଼ଣୀରେ ଲକ୍ଷ୍ମୀନାରାୟଣଙ୍କୁ ବୋହୁ ବେଶରେ ଘୋଡ଼ାଇ ଦିଆଯାଏ ।

ଗୁଆ ଘିଅର ଅଖଣ୍ଡଦୀପ ସନ୍ଧ୍ୟା ବେଳଯାଏ ଜଳୁଥାଏ । କିଛି ଜଳଖିଆ ଭୋଗ ଦେଇ କର୍ପୁର ଆଳତୀ ଓ ବନ୍ଦାପନା କରୁ, ଦୁବ ବରକୋଳି ପତ୍ର, ଫୁଲ ହଳଦୀ ଚାଉଳ ମିଶାଇ । ଏହା ପରେ କ୍ଷୀର ଚାଉଳରେ ଅର୍ଘ୍ୟ ଦେଇଥାଉ । ଏଗୁଡିକ ହେଲା ପ୍ରଥମ ପର୍ବ, ଏମିତି ଭାବେ ତିନି ଥର ମା' ଲକ୍ଷ୍ମୀଙ୍କୁ ବନ୍ଦାପନା, ଆଳତୀ ଓ ଅର୍ଘ୍ୟ ଦିଆଯାଇଥାଏ । ପରେ ପରେ ଭୋଗ ପ୍ରସ୍ତୁତି ପର୍ବ, ଯଦ୍ୱାରା ଯେତେ ମାତ୍ରାରେ ଆଗ୍ରହ ସେ ସେହି ମାତ୍ରାରେ ମା'ଙ୍କ ପାଇଁ ବିଭିନ୍ନ ପ୍ରକାରର ସୁସ୍ୱାଦୁ ଦ୍ରବ୍ୟ ତିଆରି କରି ମା'ଙ୍କ ଭୋଗରେ ଲଗାଇଥାନ୍ତି । ମା'ଙ୍କ ଭୋଗରେ ପିଠା, କ୍ଷୀରି, ଖେଚୁଡି, ନବାଅନ୍ନ, କଦଳୀ ଭଜା, ଦହି ଗୁଡ, ପଞ୍ଚାମୃତ କୁହାଯାଏ ।

ନାରାୟଣ ତ ସ୍ୱୟଂ ଗୋଲାକ ବିହାରୀ ବ୍ରହ୍ମାଣ୍ଡର ନାଥ । ସର୍ବମୟ କର୍ତ୍ତା ତାଙ୍କର ସର୍ବନାମ । ତେଣୁ ସେ ସବୁ ପୂଜା ଦ୍ରବ୍ୟରେ ସନ୍ତୁଷ୍ଟ ହୋଇଥାନ୍ତି ।

ପ୍ରତ୍ୟେକ ତୃତୀୟ ଗୁରୁବାରରେ ମା' ଲକ୍ଷ୍ମୀ ଭଲ ଭାବରେ ଭୋଗ ଏବଂ ନୈବେଦ୍ୟ ଗ୍ରହଣ କରିଥାନ୍ତି ।

# କଠିନ ପରିଶ୍ରମ...

(ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ)

ତା' ମନ ଭିତରେ ଦ୍ୱନ୍ଦ୍ୱ ରହିଥାଏ ଯେ ତା'ର ପରିଶ୍ରମର ଫଳ ମିଳିବ କି ନାହିଁ । ସେ ସଫଳ ହେବ କି ନାହିଁ । ସେ ଜିତିବ କି ନାହିଁ । ଏହିପରି ମନରେ ଚାପ ରଖି କାର୍ଯ୍ୟକଲେ ବା ଖେଳ ଖେଳିଲେ ବ୍ୟକ୍ତି ଉନ୍ମୁକ୍ତ ହୋଇ ନିଜ କାର୍ଯ୍ୟକୁଶଳତାର ପ୍ରଦର୍ଶନ କରିପାରେ ନାହିଁ । ଫଳରେ ତାକୁ ଅସଫଳତା ବା ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଥାଏ ।

ବିଦ୍ୟାର୍ଥୀଗଣ ପ୍ରାୟ ପରୀକ୍ଷା ସମୟରେ ଚାପଗ୍ରସ୍ତ ହୋଇଯାନ୍ତି କାରଣ ସେମାନଙ୍କ ପରୀକ୍ଷା ଏହା ନିର୍ଦ୍ଧାରିତ କରିଥାଏ ଯେ ସେମାନଙ୍କ ଦ୍ୱାରା ବର୍ଷ ସାରା କରାଯାଇଥିବା ପାଠପଢ଼ାରେ ସେମାନେ ସଫଳ ହୋଇଛନ୍ତି ବା ଅସଫଳ ହୋଇଛନ୍ତି । ସେଥିପାଇଁ ପରୀକ୍ଷା ଓ ପରୀକ୍ଷାର ପରିଣାମ ସମୟରେ ସେମାନଙ୍କ ଚିନ୍ତା ବଢ଼ିଯାଏ । ବିଦ୍ୟାର୍ଥୀମାନଙ୍କୁ ତ ବର୍ଷ ସାରା ପଢ଼ିବା ପରେ ବା ସତ୍ର ଶେଷ ପରୀକ୍ଷାଗୁଡିକରେ ଛଅ ମାସ ପଢ଼ିବା ପରେ ପରୀକ୍ଷା ଦେବାକୁ ହୋଇଥାଏ ଏବଂ ସେଥିରେ ସଫଳ ହେବାର ପ୍ରତୀକ୍ଷା କରିବାକୁ ହୋଇଥାଏ କିନ୍ତୁ ଯେଉଁମାନେ ମ୍ୟାଚ ଖେଳନ୍ତି ଓ ସେହି ଖେଳରେ ବଡ଼ ପୁରସ୍କାର ମିଳିବାର ଥାଏ ତ ପୁରସ୍କାର ଜିତିବା ପାଇଁ ଖେଳୁଥିବା ଦଳ ଏବଂ ଦଳପତିଙ୍କ ମନରେ ଚାପ ଓ ଚିନ୍ତା ଥାଏ । ଖେଳ ଖେଳୁଥିବା ଦଳର ଖେଳାଳିମାନେ ଖେଳକୁ କେବଳ ଆନନ୍ଦ ପାଇଁ ଖେଳି ନ ଥାନ୍ତି, ବରଂ ପୁରସ୍କାର ଜିତିବା ପାଇଁ ବି ଖେଳିଥାନ୍ତି ।

ଯଦି ଜିତି ଯାଆନ୍ତି ତ ପୁରସ୍କାର ମିଳିବା କାରଣରୁ ଖୁସି ହୁଅନ୍ତି ଏବଂ ହାରିଗଲେ ପୁରସ୍କାର ନ ମିଳିବା ଯୋଗୁଁ ଦୁଃଖୀ ହୁଅନ୍ତି ତଥା ଖେଳ ସମୟରେ ସେମାନଙ୍କ ଦ୍ୱାରା କରାଯାଇଥିବା ପରିଶ୍ରମ ବ୍ୟର୍ଥ ହୋଇଗଲା ଭାବି ମଧ ଦୁଃଖୀ ହୋଇଥାନ୍ତି କିନ୍ତୁ ଗଭୀର ଭାବରେ ଦେଖିଲେ ଜାଣି ହେବ ଯେ ବ୍ୟକ୍ତି ଦ୍ୱାରା କରାଯାଇଥିବା ପରିଶ୍ରମ କେବେ ବ୍ୟର୍ଥ ହୁଏ ନାହିଁ ବରଂ ତାକୁ କିଛି ନା କିଛି ଶିଖାଇ ଯାଇଥାଏ । ତାର ଦୁର୍ବଳତା ଓ ଦୋଷଗୁଡିକୁ ମଧ ଉଜାଗର କରିଥାଏ, ଯେଉଁଗୁଡିକୁ ଦୂର କରାଯାଇ ପାରିଲେ ସଫଳତା ମିଳିବ ସମ୍ଭବ ହୋଇଥାଏ । ଏଣୁ ସଫଳତା ନିମନ୍ତେ ବ୍ୟକ୍ତି ନିଜର ମନକୁ ଏକାଗ୍ର କରି ଶାନ୍ତ କରି, ପରିଣାମର ଚିନ୍ତା ନ କରି ନିଜର ଦୁର୍ବଳତା ଏବଂ ତ୍ରୁଟିଗୁଡିକୁ ଦୂର କରିବା ସଙ୍ଗେ ସଙ୍ଗେ ପୂର୍ଣ୍ଣ ନିଷ୍ଠା ଓ କୁଶଳତା ପୂର୍ବକାର୍ଯ୍ୟ କରିବା ଜରୁରୀ । ଏପରି ହେଲେ ସଫଳତା ଅବଶ୍ୟ ମିଳିବ ।

# ମାନବୀୟ ପ୍ରତିବିମ୍ବ

## ସୁକାନ୍ତି ଗଡ଼ତିଆ

ମାନବ ଜୀବନର ପ୍ରତିବିମ୍ବ ଏକ ନିଆରା ଓ ଭବ୍ୟ ଅନୁଭୂତି ତଥା ପ୍ରେରଣା ଦେଇଥାଏ । ଏହି ପ୍ରତିଛବି ମାଧମରେ ମଣିଷ ନିଜର ପରିଚୟ ସୃଷ୍ଟି କରିବା ସହିତ ନିଜର ଏକ ସ୍ୱତନ୍ତ୍ର ସମାଜ ଓ ସାମାଜିକ ବନ୍ଧନରେ ପ୍ରତିଫଳିତ କରିଥାଏ । ମାନବୀୟ ପ୍ରତିବିମ୍ବ ହି ମଣିଷକୁ ସମାଜ, ଦେଶ ଓ ବିଦେଶରେ ଏକ ସତ୍ତା ତଥା ଉପଲବ୍ଧି ଆଣି ଦେଇଥାଏ । ଏଥିରେ ମଣିଷର ଗୁଣ ଓ ସମ୍ମାନ ବୃଦ୍ଧି ପାଇବା ସହିତ ନିଜର ମୌଳିକଧାରା ଓ ଚିନ୍ତା ତଥା ଚେତନାକୁ ପରିସ୍ଫୁଟ କରିବା ସହିତ ବ୍ୟାପକ କରିଥାଏ । ମଣିଷର ସଦଗୁଣ ଗୁଡିକ ତାହାର ଜୀବନର ଉପଲବ୍ଧି ଆଶା ତଥା ଆକାଂକ୍ଷା ଏବଂ ସର୍ବୋପରି ମାନବିକତା ଓ ମାନବୀୟ ଗୁଣ ଗୁଡିକର ଏକ ନିଛକ ପ୍ରତିବିମ୍ବ କହିଲେ ଅତିଯୁକ୍ତି ହେବ ନାହିଁ ।

ମଣିଷ ନିଜର ସତବୁଦ୍ଧି, ଉତ୍ତମ ଗୁଣ, ସହାନୁଭୂତି, ସରଳତା, ପରୋପକାର, ଉଦାରତା, ନିସ୍ୱାର୍ଥପରତା, ସମାଜସେବା ଆଦି ସଦୃଶ ତଥା ମାନସିକତା ଯୋଗୁଁ ମଣିଷ ନିଜର ସମାଜରେ ବେଶ ପରିଚୟ ହାସଲ କରିବା ସହିତ ସମସ୍ତଙ୍କର ପ୍ରିୟଭାଜନ ହେବା ସମ୍ଭବପର ହୋଇଥାଏ । ଶାନ୍ତ, ସରଳ, ଦୟା, ପ୍ରେମ, ପରୋପକାର, ସହନଶୀଳତା, ସମାଜସେବା ଆଦି ଗୁଣ ଗୁଡିକ ଦ୍ୱାରା ମଣିଷ ପରିଚୟ ହାସଲ କରିବା ସହିତ ମାନବ ସମାଜରେ ସ୍ନେହ, ଆଦର ଓ ସମ୍ମାନ ପାଇଥାଏ । ଏହିଗୁଣ ଗୁଡିକ ଦ୍ୱାରା ସେ ସମାଜ, ଦେଶ ଓ ବିଦେଶରେ ନିଜର ନିଆରା ପରିଚୟ ହାସଲ କରିବା ସହିତ ସମସ୍ତଙ୍କର ପ୍ରିୟଭାଜନ, ଆଦୃତ ଓ ସମ୍ମାନନୀୟ ବ୍ୟକ୍ତି ହିସାବରେ ଗ୍ରହଣୀୟ ହୋଇଥାଏ ।

ମଣିଷ କେବଳ ନିଜର ମାନବୀୟ ଗୁଣ ଗୁଡିକ ଦ୍ୱାରା ଏକ ସ୍ୱଚ୍ଛ ଓ ନିର୍ମଳ ପରିଚୟ ଦୃଷ୍ଟି କରିବା ସହିତ ଏକ ମାନବୀୟ ପ୍ରତିବିମ୍ବ ସୃଷ୍ଟି କରିବାରେ ସମର୍ଥ ହୋଇଥାଏ । ଏହାଦ୍ୱାରା ସେ ନିଜ ନିଜ ପରିବାର, ନିଜ ସମାଜ, ଦେଶ ତଥା ବିଦେଶ ପାଇଁ ଏକ ସହାୟକ ମାଧମ ହୋଇଥାଏ । ଏହାଦ୍ୱାରା ସେ ମାନବ ସେବାରେ ନିଜକୁ ଉର୍ସ୍ସର୍ଗୀକୃତ କରିଥାଏ । ଏପରିକି ନିଜ ଗୁଣ ଗୁଡିକୁ ଅନ୍ୟମାନଙ୍କୁ ବାଣ୍ଟିବା ତଥା ପ୍ରେରଣା ଦେବାରେ ଏକ ବଳିଷ୍ଠ ପଦକ୍ଷେପ ଓ ମାଧମ ସୃଷ୍ଟି କରିଥାଏ । ଏହି ଗୁଣ ଗୁଡିକ ଦ୍ୱାରା ସମାଜ ତଥା ଦେଶର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ସୃଷ୍ଟି କରିଥାଏ ।

ମାନବୀୟ ଗୁଣର ପ୍ରତିବିମ୍ବ ମାଧମରେ ସମଗ୍ର ମାନବ ଜାତି ଉନ୍ନତ, ପରିପକ୍ୱ, ସମୃଦ୍ଧ ଓ ବିକାଶ ଆଡକୁ ଅଗ୍ରସର ହେବା ସହିତ ସମୃଦ୍ଧ ତଥା ପରିସ୍ଫୁଟ ହୋଇ ଥାଏ । ଏହା ଦ୍ୱାରା ମଣିଷ ନିଜର ମାନବିକତା, ପରୋପକାରିତା, ସହନଶୀଳତା ଆଦି ଗୁଣ ଗୁଡିକର ଅଭିବୃଦ୍ଧି କରିଥାଏ । ତଦନୁସାରେ ମଣିଷ ନିଜର ସମାଜ ଓ ଦେଶ ତଥା ବିଦେଶ ଗୁଡିକରେ ସମୃଦ୍ଧ ସମାଜ ସୃଷ୍ଟି ତଥା ଅଭିବୃଦ୍ଧି ହେବାରେ ଏକ ନିଆରା ସମାଜ ଗଠନ କରିବାରେ ମୂଳମନ୍ତ୍ର ପାଇଥାଏ । ଏକ ନିରନ୍ତର ମାନବୀୟ ଚାବିକାଠି ପାଇବାରେ ସମର୍ଥ ହେବାରେ ପରିକଳ୍ପନା ହାସଲ କରିଥାଏ ।

**ଫାଟକ, ସମ୍ବଲପୁର**

# କ୍ୟାନସର ଭଲ କରିବ ପିପ୍ପଳୀ



**ଭୋ**ଜନକୁ ମସାଲାଦାର ଓ ସୁଗନ୍ଧିତ କରିବା ପାଇଁ ଭାରତୀୟମାନେ ପିପ୍ପଳୀର ବ୍ୟବହାର କରିଥାନ୍ତି । କିନ୍ତୁ ଏବେ ଏକ ନୂତନ ରିସର୍ଚ୍ଚ ଅନୁଯାୟୀ କ୍ୟାନସର ରୋଗର ପ୍ରତିକାର ପାଇଁ ଖୁବ ଶୀଘ୍ର ପିପ୍ପଳୀରୁ ଔଷଧ ପ୍ରସ୍ତୁତ ହେବ । ଜୈବ ରସାୟନ ବିଜ୍ଞାନ ଜର୍ଣ୍ଣାଲରେ ପ୍ରକାଶିତ ଏକ ଅଧ୍ୟୟନ ଅନୁଯାୟୀ ପିପ୍ପଳୀରେ ଏଭଳି ଏକ ରାସାୟନିକ ପଦାର୍ଥ ଅଛି ଯାହା ଶରୀରରେ ଟ୍ୟୁମର ତିଆରି କରୁଥିବା ଏଞ୍ଜାଇମ୍‌ର ଉତ୍ପାଦକୁ ରୋକିଥାଏ । ୟୁଟି ଦକ୍ଷିଣ ପଶ୍ଚିମ ମେଡ଼ିକାଲ ସେଣ୍ଟରର ବୈଜ୍ଞାନିକମାନେ ପିପ୍ପଳୀରେ କ୍ୟାନସର ନିରୋଧୀ ଗୁଣ ଖୋଜି ପାଇଛନ୍ତି । ପିପ୍ପଳୀରେ ମିଳୁଥିବା ରସାୟନ ପିପରଲୋଗୁମାଇନ୍ (ପିଏଲ) ଅନେକ ପ୍ରକାର କ୍ୟାନସର ଯେପରିକି ପ୍ରୋଷ୍ଟେଟ କ୍ୟାନସର, ସ୍ତନ କ୍ୟାନସର, ଲିଉକୋମିଆ ତଥା ପ୍ରାଥମିକ ସ୍ତରରେ ମସ୍ତିଷ୍କ ଟ୍ୟୁମର ଓ ଆମାଶୟ କ୍ୟାନସର ପାଇଁ ଲାଭକାରୀ ହୋଇଥାଏ । ଜୈବ ରସାୟନ ଓ ବିକିରଣ ସେଣ୍ଟରର ସହାୟକ ପ୍ରଫେସର ଡାକ୍ତର କେନିଥ ବେଷ୍ଟଓଭର ଏହି ତଥ୍ୟ ଦେଇଛନ୍ତି ।

# ଝାରସୁଗୁଡ଼ାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ସ୍ମାର୍ଟ ହେଲ୍‌ଥ କାର୍ଡ ଯୋଜନା

ଝାରସୁଗୁଡ଼ା: ହୀରାକୁଦ ନଦୀବନ୍ଧ ପ୍ରକଳ୍ପଦ୍ୱାରା ଝାରସୁଗୁଡାର ୨୦୦୦ ବିସ୍ଥାପିତ ପରିବାରକୁ ଘରଡିହ ଯୋଗାଇ ଦିଆଯିବ ଓ ଏହାଦ୍ୱାରା ବିସ୍ଥାପିତଙ୍କର ଦୀର୍ଘ ଦିନର ସମସ୍ୟା ଦୂର ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କହିଛନ୍ତି । ଝାରସୁଗୁଡା ଜିଲ୍ଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନର ଶୁଭାରମ୍ଭ କରି ଏହି ଘୋଷଣା କରିଛନ୍ତି । ଜିଲ୍ଲାର ପ୍ରାୟ ୧.୧୫ ଲକ୍ଷ ଲୋକ ଏହି ସୁବିଧା ପାଇବେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଝାରସୁଗୁଡାର ୨୯୭ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ମଧ ଶୁଭାରମ୍ଭ କରିଛନ୍ତି । ଏଥିରେ ୧୪୪ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ ହୋଇଥିବା ବେଳେ ୧୫୩ କୋଟି ଟଙ୍କାର କାମ ପାଇଁ ଭିତ୍ତିପ୍ରସ୍ତର ରଖାଯାଇଥିଲା । ଝାରସୁଗୁଡା ଓ ବ୍ରଜରାଜନଗର ପାଇଁ ଦୁଇଟି ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟର ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହାଦ୍ୱାରା ଏହି ଦୁଇଟି ସହରର ଲୋକମାନେ




ଭଲ ପିଇବା ପାଣି ପାଇ ପାରିବେ ।

ଝାରସୁଗୁଡା ଜିଲ୍ଲାର ସବୁ ଗାଁ ଓ ସବୁ ସହରକୁ ଭଲ ପିଇବା ପାଣି ଯୋଗାଇ ଦେବାପାଇଁ ୬୧୮ କୋଟି ଟଙ୍କାର ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୨୦୨୨ ଜୁନ୍ ସୁଦ୍ଧା ଜିଲ୍ଲାର ୧ ଲକ୍ଷ ୨୨ ହଜାର ପରିବାରକୁ ପାଇପ ପାଣି ଯୋଗାଇ ଦିଆଯିବ । ଜିଲ୍ଲାରେ ଜଳସେଚନ ପ୍ରକଳ୍ପ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପାର୍ବତୀଗିରି ମେଗା ଲିଫ୍ଟ ଜଳସେଚନ ପ୍ରକଳ୍ପରେ ଏକ ହଜାର ହେକ୍ଟର ଚାଷ ଜମିକୁ ଜଳସେଚନର ସୁବିଧା ଦିଆଯାଇଛି । ଏହାସହିତ ଜିଲ୍ଲାରେ ୧୮୬ କୋଟି ଟଙ୍କାର ୪ଟି ମେଗା ଲିଫ୍ଟ ଜଳସେଚନ କାମ ଚାଲିଛି ଏବଂ ଜିଲ୍ଲାର ସବୁ ଅଞ୍ଚଳକୁ ଜଳସେଚନର ସୁବିଧା ଯୋଗାଇ ଦେବାର ଲକ୍ଷ୍ୟ ଖୁବ ଶୀଘ୍ର ପୂରଣ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଝାରସୁଗୁଡାରେ ନିର୍ମାଣାଧୀନ ୧୦୦ ଶଯ୍ୟା ବିଶିଷ୍ଟ ହୃଦ୍‌ରୋଗ ଚିକିତ୍ସାଳୟର ନିର୍ମାଣ ଖୁବ ଶୀଘ୍ର ଶେଷ ହେବାକୁ ଯାଉଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ । ଏହାଦ୍ୱାରା ଲୋକମାନେ ଉନ୍ନତମାନର ଚିକିତ୍ସା ମିଳିପାରିବ ବୋଲି ସେ କହିଥିଲେ । ଏଥିପାଇଁ ୧୦୨ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି ।

ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ମହାନ୍ ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଥିଲେ ଯେ ତାଙ୍କର ଆଦର୍ଶ, ସଂଗ୍ରାମ ଓ ଦେଶପ୍ରେମ ଯୁଗ ଯୁଗ ଧରି ଆମକୁ ପ୍ରେରଣା ଦେଉଥିବ । ସ୍ୱାଧୀନତା ସଂଗ୍ରାମୀ ବିହାରୀ ରାମ ତନ୍ତୀ, ଲକ୍ଷ୍ମୀ ନାରାୟଣ ମିଶ୍ର ଓ ଚିନ୍ତାମଣି ପୂଜାରୀଙ୍କୁ ମଧ ମୁଖ୍ୟମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଦେଇଥିଲେ ।

ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ନବ ଦାସ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ସୁଶାନ୍ତ ସିଂ, ବରଗଡ ସାଂସଦ ଶ୍ରୀ ସୁରେଶ ପୂଜାରୀ ଓ ବ୍ରଜରାଜନଗର ବିଧାୟକ ଶ୍ରୀ କିଶୋର ମହାନ୍ତି ପ୍ରମୁଖ ଯୋଗ ଦେଇ ବିଭିନ୍ନ କ୍ଷେତ୍ରରେ ଝାରସୁଗୁଡା ଜିଲ୍ଲାର ବିକାଶ ଉପରେ ଆଲୋକପାତ କରିଥିଲେ ।

## 'ଜ୍ୟୋତି'ର ପ୍ରତିଷ୍ଠା ଦିବସ ପାଳିତ

ସମ୍ବଲପୁର : ସ୍ଥାନୀୟ ଚକ୍ଷୁଦାନ ସଂସ୍ଥା 'ଜ୍ୟୋତି'ର ପ୍ରତିଷ୍ଠା ଦିବସ ଦୁର୍ଗାପାଲି ସ୍ଥିତ ଦୟାମଣି ବୃଦ୍ଧାଶ୍ରମରେ ପାଳିତ ହୋଇଯାଇଛି । ଡକ୍ଟର ପରେଶ ଚନ୍ଦ୍ର ଦାନୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଚକ୍ଷୁ ବିଶେଷଜ୍ଞ ଡାକ୍ତର ସୁରେଶ ଚନ୍ଦ୍ର ଦାନୀ, ଯୋଗାଚାର୍ଯ୍ୟ ରାଧାମାଧବ ବହିଦାର, ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର, ପ୍ରଫେସର ଶଙ୍କର ପ୍ରସାଦ ପତି ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ମହତ୍ କାର୍ଯ୍ୟର ପ୍ରଶଂସା କରିଥିଲେ । ସଂଯୋଜିକା ଶ୍ରୀମତୀ କଳ୍ପନା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଡାକ୍ତର ଦାନୀ ବୃଦ୍ଧାଶ୍ରମର ଅନ୍ତେବାସୀମାନଙ୍କ ଚକ୍ଷୁ ପରୀକ୍ଷା ଏବଂ କର୍ଣ୍ଣ, ନାସା ଓ ଗଳା ବିଶେଷଜ୍ଞ ଡାକ୍ତର ଗୋପାଳ ପଣ୍ଡା ଅନ୍ତେବାସୀମାନଙ୍କର ପରୀକ୍ଷା କରିଥିଲେ ।

## ଜାନୁଆରୀ ୬ ରୁ ହେବ ପଲ୍ଲିଶ୍ରୀ ମେଳା

ସମ୍ବଲପୁର: ଜାନୁଆରୀ ୬ ତାରିଖ ରୁ ୧୪ ତାରିଖ ମଧ୍ୟରେ ସମ୍ବଲପୁର ପି. ଏଚ. ଡି ପଡିଆ ଅଇଁଠାପାଲି ଠାରେ ଜାତୀୟ ସ୍ତରୀୟ ପଲ୍ଲିଶ୍ରୀ ମେଳା ଅନୁଷ୍ଠିତ ହେବ । ଚଳିତ ବର୍ଷ ମେଳାରେ ୧୦୦ ଷ୍ଟଲ ରହିବା ସହିତ କୋଭିଡ ନିୟମ ପାଳନ ପୂର୍ବକ ମେଳା ଆୟୋଜନ କରାଯିବ । ବିଭିନ୍ନ ଜିଲ୍ଲାର ଏସ.ଏଚ ଜି ର ଗ୍ରୁପ ଏହି ମେଳାରେ ସାମିଲ ହେବେ । ସାଂସ୍କୃତିକ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ଭାବେ ବାରଣ କରାଯାଇଛି । ଗ୍ରାମାଞ୍ଚଳରେ ଉତ୍ପାଦିତ ଦ୍ରବ୍ୟର ବିକ୍ରୟ କୁ ଅଗ୍ରାଧିକାର ଦେବା ନିମନ୍ତେ ମେଳାର ଆୟୋଜନ କରାଯାଉଛି । ସ୍ଥାନୀୟ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦିଲ୍ଲୀପ କୁମାର ବଳ ଅଧ୍ୟକ୍ଷତା କରିଥିଲେ ।

## ସ୍ୱତନ୍ତ୍ର ଭୋଟର ସଚେତନ ଅଭିଯାନ

ସମ୍ବଲପୁର: ସମ୍ବଲପୁର ସଦର ଉପଖଣ୍ଡ ର ଭିଏସଏସ କଲେଜ ଧନକଉଡା ଠାରେ ଉପଜିଲ୍ଲାପାଳ ତଥା ଇ. ଆର. ଓ ଶ୍ରୀ ମୟୁର ସୂର୍ଯ୍ୟବଂଶୀ ଏବଂ ସଦର ତହସିଲଦାର ଶ୍ରୀ ଲକ୍ଷ୍ମଣ ଅମାତ ଉପସ୍ଥିତ ରହି ଛାତ୍ର ଛାତ୍ରୀ ଙ୍କୁ ଭୋଟର ସଚେତନ କରିଥିଲେ । ପରମାଣପୁରର ଡାକ୍ତର ଝସକେତନ ସାହୁ କଲେଜ ଠାରେ ସହକାରୀ ଜିଲ୍ଲାପାଳ ସୁଶାନ୍ତ କୁମାର ସାହୁ ଉପସ୍ଥିତ ରହି ସଚେତନ କରିଥିଲେ । କଲେଜ ଛାତ୍ର ଛାତ୍ରୀ ୧୮ ବର୍ଷ ପ୍ରାପ୍ତ ହୋଇଥିବା ଭୋଟର ପଞ୍ଜିକରଣ, ଭୋଟର ହେଲ୍ପ ଲାଇନ ଆପ୍ ଦ୍ୱାରା କରିବା ପାଇଁ ପରାମର୍ଶ ଦେଇଥିଲେ । ୦୧.୦୧.୨୦୨୨ ସୁଦ୍ଧା ୧୮ ବର୍ଷ କିମ୍ବା ତତୁର୍ଦ୍ଧ ହାଇଥିବା ଛାତ୍ରଛାତ୍ରୀ ମାନେ ଭୋଟ ଦେବା ଅଧିକାରରୁ ବଞ୍ଚିତ ନହେବେ ସେଥିପାଇଁ ନିଜ ନିଜ ବକ୍ତବ୍ୟ ରେ ପ୍ରକାଶ କରିଥିଲେ । ଏହି ବିଶାଳ ଗଣତନ୍ତ୍ର ଦେଶରେ ନିଜ ନାମକୁ ଭୋଟର ତାଲିକାରେ ପଞ୍ଜିକରଣ କରି ଆମର ଗଣତନ୍ତ୍ର କୁ ସୁଦୃଢ କରିବା ସହ ସୁନ୍ଦର ଗଣତନ୍ତ୍ର ରାଷ୍ଟ୍ରରେ ଛାତ୍ରଛାତ୍ରୀଙ୍କ ମତଦାନ ନିହାତି ଜରୁରୀ ରହିଛି ବୋଲି ଉପଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ କହିଥିଲେ ।

## 'ହନୁମଦ୍ଦ୍ୱାତ୍ରିଂଶିକା' ହନୁମାନ... (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ଏହା ସହିତ ବିବିଧ ଶାସ୍ତ୍ରୀୟ ତଥ୍ୟ ଓ ତତ୍ତ୍ୱକୁ ଆଧାର କରି ଲିଖିତ ପୁସ୍ତକଟି ଓଡିଆ, ସଂସ୍କୃତ ଓ ଇଂରାଜୀ ଭାଷାର ପାଠକମାନଙ୍କ ଦ୍ୱାରା ବହୁଭାବରେ ଆଦୃତ ହେବ ବୋଲି ଆଶାବ୍ୟକ୍ତ କରିବା ସହ ସ୍ୱାମୀଜୀ ରାମଚରିତ ମାନସରେ ବର୍ଣ୍ଣିତ ହନୁମାନ ଚରିତ୍ରର ବିଶଦ ବ୍ୟାଖ୍ୟା କରିଥିଲେ ।

ଉତ୍ସବରେ ଅଧ୍ୟକ୍ଷତା କରି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀ ମହାବୀର ହନୁମାନଙ୍କ ଚରିତ୍ରରେ ବୁଦ୍ଧି, ବଳ ଓ ବିବେକର କିପରି ଯଥାର୍ଥ ସମନ୍ୱୟ ଘଟିଛି ତାହାର ଅବତାରଣା କରି ଡାକ୍ତର ଷଡଙ୍ଗୀଙ୍କ ପୁସ୍ତକର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ ।

ଡକ୍ଟର ଶ୍ୟାମ ସୁନ୍ଦର ଧରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ସମୀକ୍ଷକ ଭାବରେ ଯୋଗ ଦେଇ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗୀୟ ମୁଖ୍ୟ ପ୍ରଫେସର ସଦନ କୁମାର ପାଲ ତଥା ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ହିନ୍ଦୀ ବିଭାଗର ମୁଖ୍ୟ ଡକ୍ଟର ଜୟନ୍ତ କରଶର୍ମା 'ହନୁମଦ୍ଦ୍ୱାତ୍ରିଂଶିକା' ପୁସ୍ତକର ବିଭିନ୍ନ ବୈଶିଷ୍ଟ୍ୟ ବର୍ଣ୍ଣନା କରିବା ସାଙ୍ଗକୁ ଏହା ହିନ୍ଦୀ ଭାଷାରେ ଅନୁଦିତ ହେଲେ ରାଷ୍ଟ୍ରୀୟ ସ୍ତରରେ ସ୍ୱୀକୃତି ପାଇବାରେ ସହାୟକ ହେବ ବୋଲି କହିଥିଲେ ।

ଏହି ଅବସରରେ ଲେଖକ ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ ପୁସ୍ତକ ରଚନାର ଆଭିମୁଖ୍ୟ ଓ ପୃଷ୍ଠଭୂମି ସମ୍ପର୍କରେ ଉଲ୍ଲେଖ କରି ଭାଷ୍ୟର ବିଶେଷତ୍ୱ ଓ ହନୁମାନ ଚାଳିଶାର ସମାନ ଛନ୍ଦରେ ସଂସ୍କୃତ ଅନୁବାଦର ମାଧୁର୍ଯ୍ୟ ବିଷୟରେ ବିଶଦ ଆଲୋଚନା କରିଥିଲେ ।

ପ୍ରାରମ୍ଭରେ 'ସ୍ୱୀକାର'ର ସମ୍ପାଦକ ହେମନ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶେଷରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁରର ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଓଡିଶା ପଶ୍ଚିମ ପ୍ରାନ୍ତ ସଂଘଚାଳକ ବିପିନ ବିହାରୀ ନନ୍ଦ, ବରିଷ୍ଠ ସାମ୍ବାଦିକ ଅର୍ଜୁନ ରଞ୍ଜନ ପଣ୍ଡା, ସ୍ୱାମୀ ସତ୍ୟବେଦାନନ୍ଦ, ସ୍ୱାମୀ ସତ୍ୟପ୍ରେମାନନ୍ଦ, ଶିକ୍ଷାବିତ ଡକ୍ଟର ସେବକ ତ୍ରିପାଠୀ ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତଥା ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।


### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

### Subscription Rate of **The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of **The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ସମ୍ବଲପୁର ବିଶ୍ୱାମ୍ ବିଦ୍ୟା ମନ୍ଦିରର ପୁରସ୍କାର ବିତରଣୀ ଉତ୍ସବ





ସମ୍ବଲପୁର: ସ୍ଥାନୀୟ ଝାଡୁଆପଡା ସ୍ଥିତ ବିଶ୍ୱାମ୍ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନଲାଇନ ମାଧ୍ୟମରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଏକ ଉତ୍ସବରେ ପୁରସ୍କୃତ କରାଯାଇଛି । ଏହି ଉତ୍ସବରେ ପରମହଂସ ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ ମୁଖ୍ୟ ଅତିଥି ଓ ବିଶିଷ୍ଟ ବାଗ୍ମୀ ଡାକ୍ତର କୃଷ୍ଣ କେଶବ ଷଡ଼ଙ୍ଗୀ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ । ବିଦ୍ୟାମନ୍ଦିରର ନିର୍ଦ୍ଦେଶକ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ଓ ପରିଷଦର ସମ୍ବଲପୁର ଶାଖା ସମ୍ପାଦିକା ଡାକ୍ତର ସୁଚେତାରାଣୀ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ବିଦ୍ୟା ମନ୍ଦିରର ପୂର୍ବତନ ପ୍ରଧାନାଚାର୍ଯ୍ୟ ଦେବଯାନୀ ମିଶ୍ରଙ୍କ ଜନ୍ମଦିନ ଉପଲକ୍ଷେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷୟିତ୍ରୀ ରୀନା ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ପରମେଶ୍ୱର ଦାଶ ସ୍ୱାଗତ ଭାଷଣ, ସ୍ୱାମୀ ସତ୍ୟବେଦାନନ୍ଦ ସରସ୍ୱତୀ ଅତିଥି ପରିଚୟ ଓ ଅଧ୍ୟାପିକା ଶ୍ରୀଲତା ମିଶ୍ର ବିବରଣୀ ପାଠ କରିଥିବାବେଳେ ପ୍ରଧାନାଚାର୍ଯ୍ୟ ରଞ୍ଜିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।





# ସମ୍ବଲପୁର ଫଟୋଗ୍ରାଫର ସଂଘର ବାର୍ଷିକ ଉତ୍ସବ



ସମ୍ବଲପୁର : ସମ୍ବଲପୁର ଫଟୋଗ୍ରାଫର ସଂଘର ପ୍ରଥମ ବାର୍ଷିକ ସ୍ଥାନୀୟ ପାଟଣେଶ୍ୱରୀ କଲ୍ୟାଣମଣ୍ଡପରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଜିଲ୍ଲା ବିଜେଡ଼ି ସଭାପତି ସିଦ୍ଧାର୍ଥ ଦାସ ମୁଖ୍ୟ ଅତିଥି ଓ ଫଟୋ ଫିଲିକ୍ସର ସଭାପତି ଅରବିନ୍ଦ ମିଶ୍ର ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ । ଫଟୋଗ୍ରାଫର ମହାସଂଘର ଶିଶିର ନାୟକ, ସଞ୍ଜୟ ରଥ, ଶଙ୍କର ଦାସ, କୃଷ୍ଣ ପଟେଲ ପ୍ରମୁଖ ଯୋଗଦେଇ ଫଟୋ ଉତ୍ତୋଳନ କ୍ଷେତ୍ରରେ ନୂତନ ବୈଷୟିକ ଜ୍ଞାନର ବ୍ୟବହାର ସମ୍ପର୍କରେ ପ୍ରକାଶ କରିଥିଲେ । ଏଥି ସହିତ ବ୍ୟବସାୟ କ୍ଷେତ୍ରରେ ରହିଥିବା ସମସ୍ୟାର ସମାଧାନ ପାଇଁ ଆଲୋଚନା କରାଯାଇଥିଲା । ଏହି ଅବସରରେ ଜିଲ୍ଲା ସଂଘର ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା । ଉମ୍ବରୁଧର ପ୍ରଧାନ ସଭାପତି, ଅକ୍ଷୟ କୁମାର ପଣ୍ଡା ଉପସଭାପତି, ସତ୍ୟଜିତ ପଣ୍ଡା ସମ୍ପାଦକ, ତପନ କୁମାର ଦାଶ ସହସମ୍ପାଦକ, ମନୋଜ କାଶ୍ୟପ ସଙ୍ଗଠନ ସମ୍ପାଦକ ଓ ଆନନ୍ଦ ପ୍ରଧାନ, ଆଶିଷ ପ୍ରଧାନ, ଅଶୋକ ପଟେଲ, ଅଶୋକ ରାଉତ, ଶମ୍ଭୁ ପାଢ଼ୀ ପ୍ରମୁଖ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମନୋନୀତ ହୋଇଥିଲେ ।

# ଅତୀଶ ଶତପଥୀ ପାଇଲେ ନାଟ୍ୟରଶ୍ମୀ ପ୍ରଫୁଲ୍ଲ ରଥ ସମ୍ମାନ



ଭବାନୀପାଟଣା : ରାଜ୍ୟର ଜଣାଶୁଣା ଯୁବ ନାଟ୍ୟ କର୍ମୀ ଅତୀଶ ଶତପଥୀଙ୍କୁ ନାଟକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଚଳିତବର୍ଷ ମହାବୀର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସମ୍ମାନଜନକ ରାଜ୍ୟସ୍ତରୀୟ ନାଟ୍ୟରଶ୍ମୀ ପ୍ରଫୁଲ୍ଲ ରଥ ସମ୍ମାନ ପ୍ରଦାନ କରାଯାଇଛି । ନାଟକ ଲେଖକ ଓ ନିର୍ଦ୍ଦେଶକ ଭାବରେ ନାଟ୍ୟ ଜଗତରେ ଏକ ପରିଚୟ ସୃଷ୍ଟି କରିଥିବା ଅତୀଶ 'ମୁଇଁ କର୍ଣ୍ଣ କହୁଛେଁ', ଅହିଂସକ, ଯୁଯୁତ୍ସବ, ତପସ୍ୱିନୀ ଆଦିରେ ନିର୍ଦ୍ଦେଶନା ପାଇଁ ବେଶ ସୁନାମ ଅର୍ଜନ କରିଛନ୍ତି । ଏବେ ଅଦୃଶ୍ୟ ନାଟ୍ୟ ଆଶ୍ରମ ସମ୍ବଲପୁରର ସମ୍ପାଦକ ଭାବରେ ନିଜକୁ ବ୍ରତୀ ରଖିବା ସହ ହୀରାଖଣ୍ଡ ନାଟ୍ୟ ମହୋତ୍ସବ ସମ୍ବଲପୁରର ମୁଖ୍ୟ ଆୟୋଜକ ଓ ସଂଯୋଜକର ଦାୟିତ୍ୱ ନିର୍ବାହ କରି ଆସୁଛନ୍ତି ।



# ଅବସରପ୍ରାପ୍ତ ଯୋଗାଣ ବିଭାଗ ଅଧିକାରୀ ବି.ଏଲ୍ ଦାଶଙ୍କ ପରଲୋକ

ସମ୍ବଲପୁର : ଯୋଗାଣ ବିଭାଗର ଅବସରପ୍ରାପ୍ତ ଅତିରିକ୍ତ ଯୋଗାଣ ଅଧିକାରୀ ବ୍ରଜଲାଲ ଦାଶଙ୍କ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୫୯ ବର୍ଷ ବୟସ ହେଉଥିଲା । ସେ ତାଙ୍କ ପଛରେ ସ୍ତ୍ରୀ ଓ ଏକମାତ୍ର ପୁତ୍ରଙ୍କୁ ଛାଡି ଯାଇଛନ୍ତି । ଜଣେ ଜନପ୍ରିୟ ଅଧିକାରୀ ଥିବା ଶ୍ରୀ ଦାଶ ଅସୁସ୍ଥ ହୋଇ ପଡିବାରୁ ଗତବର୍ଷ ସେ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରିଥିଲେ । ତେବେ ଚିକିତ୍ସା ପରେ ସେ ସୁସ୍ଥ ହୋଇ ଯାଇଥିଲେ ହେଁ ଇତି ମଧ୍ୟରେ ହଠାତ୍ ଅସୁସ୍ଥ ହୋଇ ଏକ ନର୍ସିଂହୋମରେ ଭର୍ତ୍ତି ହେବା ୩ ଦିନ ପରେ ମୃତ୍ୟୁ ବରଣ କରିଥିଲେ ।

# ହିନ୍ଦୀ ସାହିତ୍ୟରେ ଚିତ୍ତରଞ୍ଜନ ନାହକଙ୍କ ଡକ୍ଟରେଟ୍



ବୁର୍ଲା : ଏମସିଏଲ ମୁଖ୍ୟାଳୟର ଜନସମ୍ପର୍କ ବିଭାଗର ବରିଷ୍ଠ ହିନ୍ଦୀ ଅନୁବାଦକ ଭାବେ କାର୍ଯ୍ୟରତ ଚିତ୍ତରଞ୍ଜନ ନାହକ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ତୁଳନାତ୍ମକ ସାହିତ୍ୟରେ ଗବେଷଣା କରି ପିଏଚଡି ଉପାଧି ପାଇବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି । ଶ୍ରୀ ନାହକ 'ସୁମିତ୍ରା ନନ୍ଦନ ପନ୍ତ ଏବଂ ସଚ୍ଚିଦାନନ୍ଦ ରାଉତରାୟଙ୍କ କବିତାର ମାନବତାବାଦୀ ପ୍ରବୃତ୍ତିର ତୁଳନାତ୍ମକ ଅଧ୍ୟୟନ' ବାବଦରେ ପଶ୍ଚିମବଙ୍ଗ ହିନ୍ଦୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦାମୋଦର ମିଶ୍ରଙ୍କ ତତ୍ତ୍ୱାବଧାନରେ ଗବେଷଣା କରିଥିଲେ । ତାଙ୍କ ସନ୍ଦର୍ଭ ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗର ମୁଖ୍ୟ ପ୍ରଫେସର ପବନ ଅଗ୍ରୱାଲ ଏବଂ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗର ପ୍ରଫେସର ମୋହନ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି ।

# ବିଜୟ ମହାପାତ୍ରଙ୍କ ପରଲୋକ



ସମ୍ବଲପୁର : ଅବସରପ୍ରାପ୍ତ ଉପଶ୍ରମ ଆୟୁକ୍ତ ବିଜୟ କୁମାର ମହାପାତ୍ରଙ୍କ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଦିନ ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୮୨ ବର୍ଷ ବୟସ ହେଉଥିଲା । ସେ ତାଙ୍କ ପଛରେ ଧର୍ମପତ୍ନୀ ବିଜୟଲକ୍ଷ୍ମୀ, ୪ ପୁଅ ଅମୀୟ, ଅଜିତ, ଅମିତ ଓ ଅସିତଙ୍କୁ ଛାଡି ଚାଲିଯାଇଛନ୍ତି । ସେ ଝାରସୁଗୁଡା ଜିଲ୍ଲା କୋଲାବିରାର ମୂଳବାସିନ୍ଦା । ସ୍ୱର୍ଗତ ମହାପାତ୍ର ଶ୍ରମ ବିଭାଗରେ ସହକାରୀ ଶ୍ରମ ଅଧିକାରୀ ରୂପେ ଯୋଗ ଦେଇ ରାଜ୍ୟର ବିଭିନ୍ନ ସ୍ଥାନରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରି ଶେଷରେ ସମ୍ବଲପୁରର ଉପ ଶ୍ରମ ଆୟୁକ୍ତ ଭାବେ ଅବସର ଗ୍ରହଣ କରି ବାଲିବନ୍ଧା ସ୍ଥିତ ତାଙ୍କ ବାସଭବନରେ ରହୁଥିଲେ । ଜଣେ ମେଳାପୀ ଓ ମିଷ୍ଟଭାଷୀ ବ୍ୟକ୍ତି ଥିବା ସ୍ୱର୍ଗତ ମହାପାତ୍ର ଅବସର ଗ୍ରହଣ ପରେ ଫ୍ରେଜର କ୍ଲବ, ନୃସିଂହ ଗୁରୁ ସ୍ମୃତି ସମିତି, ହୀରାଖଣ୍ଡ ନାଗରିକ ପରିଷଦ ସମେତ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ସଙ୍ଗଠନ ସହ ଓତଃପ୍ରୋତ ଭାବେ ଜଡିତ ଥିଲେ । କମଲିବଜାର ସ୍ଥିତ ରାଜଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି ।

# ସଞ୍ଚାର ଶିଳ୍ପୀ ଦୁଃଖନାଶନ ବେହେରା ପାଇଲେ 'ବେଣିମାଧବ ସମ୍ମାନ'



ସମ୍ବଲପୁର : ବିଶିଷ୍ଟ ସଞ୍ଚାର ଶିଳ୍ପୀ ଦୁଃଖନାଶନ ବେହେରା ଗଙ୍ଗାଧର ବିଶି ପ୍ରକାଶନୀର ଦ୍ୱିତୀୟ 'ବେଣିମାଧବ ସମ୍ମାନ'ରେ ସମ୍ମାନିତ ହୋଇଛନ୍ତି । ତାଙ୍କୁ ଏକ ସ୍ୱତନ୍ତ୍ର ଉତ୍ସବରେ ନଗଦ ଏକ ଲକ୍ଷ ଟଙ୍କା, ମାନପତ୍ର ଓ ସ୍ମାରକୀ ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ ପଦ୍ମଶ୍ରୀ ମିତ୍ରଭାନୁ ଗଉନ୍ତିଆ ମୁଖ୍ୟ ଅତିଥି ଓ କବି ବିନୋଦ ପଶାୟତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଆୟୋଜକ ସଞ୍ଜୟ ସୂପକାରଙ୍କର ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ଡକ୍ଟର ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ, ଡକ୍ଟର ଶ୍ୟାମ ଭୋଇ, ଅଶୋକ ପ୍ରଧାନ, ଭବାନୀଶଙ୍କର ଭୋଇ ପ୍ରମୁଖ ଭାଷଣ ଦେଇଥିଲେ । ମାନସ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663-2400945
e-mail: hemantamahapatra@yahoo.com Editor : Hemanta Kumar Mahapatra